## ସ୍ମାର୍ଟଫୋନ୍ ନିଶାରେ ଛାତ୍ରଛାତ୍ରୀ

# ସଦ୍‌ବ୍ୟବହାର କମ୍, ଅପବ୍ୟବହାର ବେଶୀ

**ବଲାଙ୍ଗିର, ୨୪।୪(ସମିସ)**

ଧିରେଧିରେ ସ୍ମାର୍ଟ ହେବାରେ ଲାଗିଛି ଗାଁ ରୁ ସହର। ଗାଁ ହେଉ କି ସହର, ପାଠପଢୁଥିବା ପ୍ରାୟ ସମସ୍ତ ଅଳ୍ପ ବୟସର ଛାତ୍ରଛାତ୍ରୀଙ୍କ ହାତରେ ଏବେ ରହିଛି ସ୍ମାର୍ଟଫୋନ। କରୋନା ମହାମାରୀ ସମୟରେ ଅନଲାଇନ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିବାରୁ ପ୍ରତି ଛାତ୍ରଛାତ୍ରୀଙ୍କ ପାଖରେ ଏବେ ମୋବାଇଲ ରହିଛି। ଯଦିଓ ଏହି ସ୍ମାର୍ଟଫୋନର ବ୍ୟବହାର ଯୋଗୁ ଜ୍ଞାନ ଆହୋରଣ ଶୈଳୀରେ ପରିବର୍ତ୍ତନ ହୋଇଛି। କିନ୍ତୁ ଏହାର ବ୍ୟବହାର ଯୋଗୁ ଛାତ୍ରଛାତ୍ରୀଙ୍କ ମାନସିକ ଚାପ ବୃଦ୍ଧି ପାଇବା ସହିତ ଏହାର ବହୁଳ ମାତ୍ରାରେ ଅପବ୍ୟବହାର ହେଉଥିବା ଅଭିଯୋଗ ହୋଇଛି। ତେବେ ବଲାଙ୍ଗିର ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ସ୍ମାର୍ଟଫୋନର ଅପବ୍ୟବହାର ଯୋଗୁ ଅନେକ ଘଟଣାଗୁଡ଼ିକ ସାମ୍ନାକୁ ଆସୁଛି ଯାହା ସାଧାରଣରେ ପୁଲିସ ପାଖରେ ଅଭିଯୋଗ କରାଯାଇନାହିଁ। କିନ୍ତୁ ତାହା ଏକ ଚିନ୍ତାଜନକ ବିଷୟ ବୋଲି ଶିକ୍ଷାବିତମାନେ ମତ ରଖିଛନ୍ତି। ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏହାର ଅପବ୍ୟବହାରରେ କିଭଳି ରୋକାଯାଇପାରିବ ସେ ନେଇ ଅଭିଭାବକ ଚିନ୍ତାରେ ରହିବା ସ୍ୱାଭାବିକ କଥା।

ଅଳ୍ପ ବୟସର ଛାତ୍ରଛାତ୍ରୀଙ୍କୁ ଲାଗିଛି ସ୍ମାର୍ଟଫୋନ ନିଶା। ହାଇସ୍କୁଲ, କଲେଜ ଏପରିକି ପ୍ରାଥମିକ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ସ୍ମାର୍ଟଫୋନ ନିଶାରେ ପାଗଳ। ବିଦ୍ୟାଳୟମାନଙ୍କରେ ମଧ୍ୟ ମୋବାଇଲରୁ କିଭଳି ଜ୍ଞାନ ଆରୋହଣ କରାଯିବ ସେ ନେଇ ଛାତ୍ରଛାତ୍ରୀଙ୍କୁ କୁହାଯାଉଛି। କରୋନା ପରେ ସ୍କୁଲ ବନ୍ଦ ସମୟରେ କିଭଳି ଛାତ୍ରଛାତ୍ରୀମାନେ ଅନଲାଇନରେ ପାଠପଢ଼ିବେ ତାହାର ମଧ୍ୟ ବ୍ୟବସ୍ଥା କରାଯାଇଛି। ଫଳରେ ପ୍ରାୟ ସମସ୍ତ ଛାତ୍ରଛାତ୍ରୀ ସ୍ମାର୍ଟଫୋନ ବ୍ୟବହାର କରୁଛନ୍ତି। ଏପରିକି ଏହି ସ୍ମାର୍ଟଫୋନ ଶିକ୍ଷା ଗ୍ରହଣର ଶୈଳୀରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିଛି। କିନ୍ତୁ ଏହାର ବହୁଳ ବ୍ୟବହାର ଓ ଅପବ୍ୟବହାର ଯୋଗୁ ଛାତ୍ରଛାତ୍ରୀଙ୍କ କେତେ କ୍ଷତି ହେଉଛି ତାହା କେହି ଚିନ୍ତା କରୁନାହାନ୍ତି। ଜନୈକ ବରିଷ୍ଠ ଶିକ୍ଷାବିତଙ୍କ କହିବା ମୁତାବକ ଶିକ୍ଷା ହେଉଛି ସ୍ମାର୍ଟଫୋନ ବ୍ୟବହାର ପାଇଁ ଏକ ବାହାନା। ପାଠପଢ଼ା ଛାଡ଼ି ଛାତ୍ରଛାତ୍ରୀମାନେ ହ୍ୱାଟ୍ସଆପ୍, ଫେସବୁକ, ଇନଷ୍ଟାଗ୍ରାମ ଓ ଟେଲିଗ୍ରାମ ଭଳି ଅନେକ ସୋସିଆଲ ସାଇଟକୁ ନିୟମିତ ବ୍ୟବହାର କରିବା ସହ ଅନଲାଇନରେ ଗେମ ଖେଳିବାରେ ଅନେକ ସମୟ ଅପଚୟ କରୁଛନ୍ତି। ଏପରିକି ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଏହାର ମାୟାଜାଲରେ ଫଶିଯାଇ ନିଜ ଶିକ୍ଷାରୁ ଦୂରେଇ ରହିବା ସହିତ ବହୁ ସମୟ ଏମାନେ ଏହି ସୋସିଆଲ ମିଡିଆ ଓ ଗେମରେ ନିଜକୁ ବ୍ୟସ୍ତ ରଖୁଛନ୍ତି। ଏହାଦ୍ୱାରା ବିଭିନ୍ନ ସମୟରେ ଛାତ୍ରଛାତ୍ରୀମାନେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଥିବା ମଧ୍ୟ ଦେଖିବାକୁ ମିଳିଛି। କମ ବୟସର ଯୁବକଯୁବତୀମାନେ ଅନଲାଇନ ଗେମ ଖେଳି ବହୁ ପରିମାଣର ଟଙ୍କା ହରାଉଛନ୍ତି।



**ବଢୁଛି ମାନସିକ ଚାପ**

ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ଅଳ୍ପବୟସ୍କମାନେ ନିଜର ଆକାଉଣ୍ଟ ଖୋଲି ନୂଆନୂଆ ବନ୍ଧୁ ତିଆରି କରୁଛନ୍ତି। ସମାୟାନୁକ୍ରମେ ସେମାନଙ୍କ ସହ ଯୋଗାଯୋଗରେ ଆସି ଅନେକ ଏହିଭଳି କାମ କରୁଛନ୍ତି ଯାହାକି ପରବର୍ତ୍ତୀ ସମୟରେ ସେମାନଙ୍କୁ ଅଡୁଆରେ ପକାଉଛି। ଫଟୋ ସେୟାର କରି ପରେ ନିନ୍ଦିତ ହେଉଥିବାର ଘଟଣା ମଧ୍ୟ ସାମ୍ନାକୁ ଆସୁଛି। ଦୈନନ୍ଦିନ ଜୀବନକୁ ସରଳ ଓ ସହଜ କରିବା ପାଇଁ ବ୍ୟସ୍ତରେ ବୁଡ଼ି ରହୁଥିବା ପିତାମାତା ନିଜ ଛୁଆକୁ ସ୍ମାର୍ଟଫୋନଟିଏ ଧରାଇ ଦେଉଛନ୍ତି। କିନ୍ତୁ ଏହା ଯେ ଉକ୍ତ ଶିଶୁ ପାଇଁ କେତେ କ୍ଷତିକାରକ ତାହା ଭାବୁନାହାନ୍ତି। କିଛି ବର୍ଷ ତଳେ ଜୀବନ ନେଉଥିବା ଅନଲାଇନ ଗେମ ବ୍ଲୁ-ହ୍ୱେଲ ଖେଳି ଅନେକ ଛାତ୍ରଛାତ୍ରୀଙ୍କ ଜୀବନ ଯିବା ଓ ପରେ ଏହାର ବ୍ୟବହାରକୁ ନେଇ କେନ୍ଦ୍ର ସରକାର କଟକଣା ଲଗାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସ୍ମାର୍ଟଫୋନ ହିଁ ପାଠପଢ଼ାର ମାଧ୍ୟମ ସାଜିଛି। କେବଳ ଘରୋଇ ନୁହଁ ସରକାରୀ ସ୍କୁଲ ମାନଙ୍କରେ ମଧ୍ୟ ଅନଲାଇନ ଶିକ୍ଷା ଓ ସ୍ମାର୍ଟଫୋନ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ଏମିତିରେ ଏହାର ସଦବ୍ୟବହାର ବଦଳରେ ଅପବ୍ୟବହାର ମଧ୍ୟ ବଢ଼ିଚାଲିଛି। ମନସ୍ତତ୍ତ୍ୱବିତଙ୍କ କହିବା ଅନୁସାରେ କମ ବୟସରୁ ମୋବାଇଲ ବ୍ୟବହାର ଯୋଗୁ ଛାତ୍ରଛାତ୍ରୀଙ୍କ ମାନସିକ ଅବସ୍ଥାରେ ଏକ ଗଭୀର ପ୍ରଭାବ ପଡୁଛି। ବିଭିନ୍ନ ପ୍ରକାର ଖରାପ ଦୃଶ୍ୟ ଓ ଅପରାଧିକ ଭିଡିଓ ଦେଖିବା ପରେ ସେମାନଙ୍କ ମାନସିକସ୍ତରରେ ଏହାର କୁପ୍ରଭାବ ପଡୁଛି। ଫଳରେ ସେମାନେ ପଥଭ୍ରଷ୍ଟ ହେବା ସହିତ ମାନସିକ ରୋଗୀ ହେବାର ମଧ୍ୟ ଆଶଙ୍କା ରହିଛି। ଫଳରେ ଯଥାସମ୍ଭବ ଅଭିଭାବକମାନେ ଛାତ୍ରଛାତ୍ରୀଙ୍କ ଠାରୁ ମୋବାଇଲ ଦୂରେଇ ରଖିବା ଉଚିତ ବୋଲି କହିଛନ୍ତି। ଏଦିଗରେ ଅଭିଭାବକମାନେ ଯତ୍ନବାନ ହେବା ପାଇଁ ଶିକ୍ଷାବିତମାନେ ମତ ରଖିଛନ୍ତି।

■ **ଶିକ୍ଷକଙ୍କୁ ମାଓବାଦୀଙ୍କ ବିବସ୍ତ୍ର ହତ୍ୟା ଘଟଣା**

# ୯ ବର୍ଷ ପରେ ଧରାପଡ଼ିଲା ଫେରାର୍ ଅଭିଯୁକ୍ତ

**ନୂଆପଡ଼ା/କୋମନା, ୨୪।୪ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ପାଟପାଣି ଗାଁର ଜଣେ ଶିକ୍ଷକଙ୍କୁ ହତ୍ୟା ଘଟଣାରେ ପୁଲିସ ୯ ବର୍ଷ ପରେ ଫେରାର୍ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ସେହି ଗାଁର ରୁପଚାନ୍ଦ ମାଝୀ(୪୨)। ବୁଧବାର କୋମନା ଥାନା ପୁଲିସ ସ୍ଥାନୀୟ ଟିକ୍ରାପଡ଼ାରୁ ତାକୁ ଗିରଫ କରିଛି। ଚୈତନ୍ୟ ମାଝୀ ନାମକ ଜଣେ ଶିକ୍ଷକଙ୍କୁ ମାଓବାଦୀ ବିଭତ୍ସ ଭାବେ ହତ୍ୟା କରିବା ଘଟଣାରେ ରୁପଚାନ୍ଦ ଗିରଫ ହୋଇଥିଲା; ହେଲେ ଗିରଫ ହେବାର କିଛି ଦିନ ପରେ ଜାମିନରେ ଆସି ଫେରାର ମାରିଥିଲା। ଦୀର୍ଘ ୯ବର୍ଷ ପରେ ପୁଲିସ ତାକୁ ପୁଣି ଗିରଫ କରିଛି। ୨୦୧୩ରେ ଶିକ୍ଷକ ଚୈତନ୍ୟ ଏକ ବିବାହ ଭୋଜିରେ



ଯୋଗଦେବାକୁ ଗାଁକୁ ଆସିଥିଲେ; ହେଲେ ଘରେ କେହି ନ ଥିବା ସମୟରେ ମାଓବାଦୀମାନେ ତାଙ୍କୁ ଡାକି ନେଇ ହତ୍ୟା କରିବା ପରେ ଗାଁ ମୁଣ୍ଡରେ ଫିଙ୍ଗି ଦେଇଥିଲେ। ଏହି ମାମଲାରେ ପୁଲିସ ଗାଁର ରୁପଚାନ୍ଦକୁ ଗିରଫ କରିଥିଲା। ପରେ ସେ ଜାମିନରେ ବାହାରିଥିଲେ; ହେଲେ କୋର୍ଟ ତରଫରୁ ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ ସେ ଫେରାର ହୋଇଯାଇଥିଲା।

## ସୀମାରେ ପୁଲିସ ଯାଞ୍ଚ ନାମକୁ ମାତ୍ର

# ଓଡ଼ିଶା ପୁଲିସ ପାରୁନି; ଛତିଶଗଡ଼ ପୁଲିସ ଧରୁଛି



**ନୂଆପଡ଼ା, ୨୪।୪(ସମିସ):** ବର୍ତ୍ତମାନ ନିର୍ବାଚନ ସମୟ ବୋଲି ଓଡ଼ିଶା-ଛତିଶଗଡ଼ ସୀମାନ୍ତବର୍ତ୍ତୀ ଅଞ୍ଚଳ ନୂଆପଡ଼ା ଜିଲ୍ଲା ସୀମାନ୍ତରେ ବିଭିନ୍ନ ଅଞ୍ଚଳରେ ପୁଲିସ ତରଫରୁ କଡ଼ା କଡ଼ି ଚେକିଂ କରାଯାଉଥିବା କୁହାଯାଉଛି; ହେଲେ ଏଠାରୁ ମାଫିଆମାନେ ଟଙ୍କା ସହ ଗଞ୍ଜେଇ ଧରି ଅତି ସହଜରେ ରାଜ୍ୟ ବାହାରକୁ ଚାଲିଯାଉଛନ୍ତି। ଓଡ଼ିଶା ପୁଲିସ ସୁରାକ୍ ପାଉନି; ହେଲେ ଛତିଶଗଡ଼ ପୁଲିସ ହାତରେ ଏମାନେ ଧରା ପଡୁଛନ୍ତି। ଏଣୁ ଓଡ଼ିଶା ପୁଲିସର ପାରିବା ପଣିଆ ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି। ଛତିଶଗଡ଼ ରାଜ୍ୟ ପୁଲିସ ବିଭାଗରୁ ମିଳିଥିବା ଏକ ରିପୋର୍ଟ ଅନୁଯାୟୀ ଚେକିଂ ବେଳେ ଚଳିତ ମାସ ୬ତାରିଖରେ ୫ଲକ୍ଷ ୫୦ହଜାର ଟଙ୍କା, ଦ୍ୱିତୀୟ ଥର ୧୮ ତାରିଖ ୨ଲକ୍ଷ ୩୦ହଜାର ଟଙ୍କା ଏବଂ ୨୨ତାରିଖ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରାଯାଇଛି।

ସୂଚନାଯୋଗ୍ୟ, ଜିଲ୍ଲାର ସୀମାନ୍ତ ସହର ଖରିଆରରୋଡର ସୀମାନ୍ତରେ ଜଲାରାମ ମନ୍ଦିର ନିକଟରେ ନାକା ଗେଟ୍ କରାଯାଇଛି। ଛତିଶଗଡ଼ ସୀମାନ୍ତ ମହାସମୁନ୍ଦ ଜିଲ୍ଲା ପୁଲିସର ଗେଟ୍ ମାତ୍ର ୩ଶହ ମିଟର ପରେ ଖଞ୍ଜାଯାଇଛି। ବୋଡେନ, ସିନାପାଲି, ଖଡିଆଳ ଥାନା ଅଞ୍ଚଳରେ ୧୩ଟି ଗେଟ୍ ଖଞ୍ଜା ଯାଇଛି। ଏହି ଗେଟ୍‌ଗୁଡିକରେ ରାତି ଦିନ ପୁଲିସ ଚେକିଂ କରାଯାଉଥିବା ଏ୍‌ପି ଜି.ଆର. ରାଘବେନ୍ଦ୍ର କହୁଛନ୍ତି। ତେବେ କଳାହାଣ୍ଡି, ନୂଆପଡ଼ା ଜିଲ୍ଲାର ବହୁ ଗେଟ୍ ଦେଇ ଗଞ୍ଜେଇ ଚାଲାଣକାରୀ ଖସିଯାଉଛନ୍ତି।

# ବଲାଙ୍ଗିରରେ ଭାଙ୍ଗୁଛି କଂଗ୍ରେସ ଗଡ଼

**ବଲାଙ୍ଗିର, ୨୪।୪(ସମିସ):** ବଲାଙ୍ଗିରରେ ଭାଙ୍ଗୁଛି କଂଗ୍ରେସ ଗଡ଼। ଭାଙ୍ଗୁଛି ହାତ ଓ କମୁଛି କଂଗ୍ରେସ ବଳ। ଠିକ୍ ନିର୍ବାଚନ ପୂର୍ବରୁ ଦୁଇ ଯୁବନେତା ଦଳରୁ ଇସ୍ତଫା ଦେଇଛନ୍ତି। ମଙ୍ଗଳବାର ଯୁବନେତା ତଥା କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଆକାଶ ମିଶ୍ର ଦଳ ଛାଡ଼ିଥିବା ବେଳେ ବୁଧବାର ସାଧାରଣ ସମ୍ପାଦକ ବିଧୁଭୂଷଣ ତ୍ରିପାଠୀ ଦଳ ଛାଡ଼ିଥିବା ଘୋଷଣା କରିଛନ୍ତି। ଦିନକ ବ୍ୟବଧାନରେ ଦୁଇ ଜଣ ଯୁବନେତାଙ୍କ ଇସ୍ତଫା ଦଳ ପାଇଁ ଅଡୁଆ ସୃଷ୍ଟି କରିଛି। ଜିଲ୍ଲା କଂଗ୍ରେସର




**ଦଳ ଛାଡ଼ିଲେ ରାଜ୍ୟ ସାଧାରଣ ସମ୍ପାଦକ ବିଧୁଭୂଷଣ**

ଯୁବ ସଂଗଠକ ତଥା ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ବିଧୁଭୂଷଣ ତ୍ରିପାଠୀ ବୁଧବାର ଦଳ ଛାଡିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। କିଛି ବର୍ଷ ଭିତରେ କଂଗ୍ରେସ ରାଜ୍ୟ ନେତୃବର୍ଗ ଯୁବ ନେତୃତ୍ୱକୁ ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ନିର୍ଦ୍ଦିଷ୍ଟ ପରିବାର ଭିତରେ କ୍ଷମତା ସୀମିତ ରହୁଥିବା ସେ ଅଭିଯୋଗ କରିଛନ୍ତି। କିଛି ବର୍ଷ ଭିତରେ ତାଙ୍କୁ ଦଳ ଅଣଦେଖା କରାଯାଉଥିବା ସେ ଅଭିଯୋଗ କରିବା ସହ ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ଏହି ସମ୍ମିଳନୀରେ ସେ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ଯାହାକୁ ନେଇ ସେ ଆଗାମୀ ଦିନରେ ବିଜେଡିରେ ଯୋଗଦେଇ ପାରନ୍ତି ବୋଲି ଆଲୋଚନା ଆରମ୍ଭ ହୋଇଛି।

# ଆଗରେ ବିଜେଡିର ଜନସମ୍ପର୍କ ଅଭିଯାନ

## ଗାଁକୁ ଗାଁ ବୁଲୁଛନ୍ତି ସୁରେନ୍ଦ୍ର, ନିରଞ୍ଜନ, ପଦ୍ମନାଭ





**ସୋନପୁର, ୨୪।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର ଜୋରଦାର ଚାଲିଛି। ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇ, ସୋନପୁର ବିଧାନସଭା ଆସନର ବିଧାୟକ ପାର୍ଥୀ ନିରଞ୍ଜନ ପୂଜାରୀ ଏବଂ ବୀରମହାରାଜପୁର(ସଂ) ବିଧାନସଭା ଆସନ ପ୍ରାର୍ଥୀ ପଦ୍ମନାଭ ବେହେରା ଲୋକଙ୍କ ନିକଟରେ ପହଞ୍ଚୁଛନ୍ତି। ବିଭିନ୍ନ ସ୍ଥାନରେ ଯୁବ ଓ ଛାତ୍ର ସମାବେଶ ଏବଂ ମିଶ୍ରଣ ପର୍ବ ଆୟୋଜନ ମାଧ୍ୟମରେ ବିଜେଡିର ନିର୍ବାଚନ ପ୍ରଚାର କ୍ଷୀପ୍ର ଗତିରେ ଚାଲିଛି। ପ୍ରବଳ ଗରମକୁ ଖାତିର ନକରି ପ୍ରତ୍ୟେକ ଦିନ ଗାଁ ଗାଁ ବୁଲି ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କୁ ଭେଟୁଛନ୍ତି। ବିଜେଡିର ଜନ ସମ୍ପର୍କ ଅଭିଯାନ ଆଗରେ ରହିଛି। ନିରଞ୍ଜନ ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଗାଁ ବୁଲି ସାରିଲେଣି। ସେହିପରି ବହୁ ଦିନ ପୂର୍ବରୁ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗାଁରେ ଅନୁଷ୍ଠିତ ସଂକୀର୍ତ୍ତନ କାର୍ଯ୍ୟକ୍ରମ, ନାମଯଜ୍ଞ, ଜାନିଯାତ୍ରା ଏବଂ ଫୁଟବଲ୍ ଖେଳରେ ଯୋଗ ଦେଇ ପଦ୍ମନାଭ ଲୋକଙ୍କ ସହିତ ମିଶିଛନ୍ତି। ତେବେ ଜନସମ୍ପର୍କ ସ୍ଥାପନରେ ବଲାଙ୍ଗିର ସଂସଦୀୟ କ୍ଷେତ୍ରର ବିଜେଡି ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇ ମଧ୍ୟ ଅନ୍ୟ ଦଳର ପ୍ରାର୍ଥୀଙ୍କ ତୁଳନାରେ ଖୁବ୍ ଆଗରେ ଅଛନ୍ତି। ପ୍ରବଳ ଗରମ ସତ୍ତ୍ୱେ ସେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଗାଁ ବୁଲି ଲୋକଙ୍କ ସହ ମିଶୁଛନ୍ତି। କେବଳ ବିଜେଡି ନୁହେଁ; ଅନ୍ୟ ଦଳର କର୍ମୀଙ୍କ ସହ ମଧ୍ୟ ସେ ଉତ୍ତମ ସମ୍ପର୍କରେ ଅଛନ୍ତି। ଅନ୍ୟ ଦଳ ଅପେକ୍ଷା ବିଜେଡି ପ୍ରଚାରରେ ଆଗରେ ରହିଛି।

# ମୁରିବାହାଲ ବ୍ଲକ ବିଜେଡି ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ



**ମୁରିବାହାଲ, ୨୪।୪(ସମିସ):** ମୁରିବାହାଲଠାରେ କଣ୍ଟାବାଞ୍ଜି ନିର୍ବାଚନସ୍ତରୀୟ ବିଜେଡି ନେତୃବୃନ୍ଦଙ୍କ ଉପସ୍ଥିତିରେ ଏବଂ ହଂସରାଜ ଜୈନ ସଦସ୍ୟଙ୍କ ନେତୃତ୍ୱରେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ବ୍ଲକସ୍ତରୀୟ ବିଜୁ ଜନତା ଦଳର କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାୟକ ପ୍ରାର୍ଥୀ ହୋଇଥିବା ହେତୁ ବହୁ ଉତ୍ସାହର ସହିତ ବୁଧବାର କାର୍ଯ୍ୟାଳୟ ଉଦଘାଟନ କରାଗଲା। ଏଥର ଯୋଡ଼ି ଶଙ୍ଖକୁ ଭୋଟ ଦେବା ପାଇଁ କାର୍ଯ୍ୟାଳୟ ମାଧ୍ୟମରୁ ସମଗ୍ର ବ୍ଲକ ଅଞ୍ଚଳକୁ ପ୍ରଚାର ପ୍ରସାର କରାଯିବ। କଣ୍ଟାବାଞ୍ଜି ବିଧାନସଭା ପାଇଁ ବିଧାୟକ ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓ ବଲାଙ୍ଗିର ଲୋକସଭା ପାଇଁ ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କୁ ବିପୁଳ ଭୋଟରେ ବିଜୟୀ କରିବାର ସଂକଳ୍ପ ନେଇ ଏକ ଶୋଭାଯାତ୍ରା କରାଯାଇ କାର୍ଯ୍ୟାଳୟକୁ ଉଦଘାଟନ କରାଯାଇଛି। ଉଦଘାଟନୀ ସଭାରେ ବଲାଙ୍ଗିର ଜିଲ୍ଲା ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀ, ବିଜେଡି ଯୁବନେତା ଗିରିରାଜ ସିଂ ମାଝୀ, ବରିଷ୍ଠ ବିଜେଡି ନେତା ଉଦ୍ଧବ ବେହେରା, ବରିଷ୍ଠ ବିଜେଡି ନେତା ଉମାକାନ୍ତ ସାହୁ, ଦିଲ୍ଲୀପ କୁମାର ପୃଷ୍ଟି, ସୁନ୍ଦମତୀ ବାଗ, କାର୍ତ୍ତିକ ପଧାନ, ଅରୁଣ ସିଂ ଭୋଇ, ଅଗସ୍ତି ବାଗ, ଦିଲ୍ଲୀପ ମହାନନ୍ଦ, ଅଶ୍ୱିନୀ ମାଝୀ, ଯୁଧିଷ୍ଠିର ଭରାସଗରିଆ, ଘଟୁ ପାଣିଗ୍ରାହୀ, ପୂର୍ଣ୍ଣ ସାହୁ, କଶ୍ୟପ ସରାଫ, ଘାସିରାମ ବେହେରା, ନୀଳାମ୍ବର ମହାନ୍ତି, ପିଣ୍ଟୁ ଦୀପ, ବରୁଣ ଲୁହା ଓ ତପନ ଦୀପ ସହିତ ଶହଶହ ଦଳୀୟ କର୍ମୀ ଯୋଗଦେଇଥିଲେ।

# କଣ୍ଟାବାଞ୍ଜିରେ ବିଜେଡିର ସାଂଗଠନିକ ବୈଠକ

**କଣ୍ଟାବାଞ୍ଜି, ୨୪।୪(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ କଣ୍ଟାବାଞ୍ଜି ନଗର ବିଜୁ ଜନତା ଦଳ ସଭାପତି ଦେବାର ବାରିକ ଓ ଯୁବ ସଭାପତି ବିଷ୍ଣୁ ପ୍ରସାଦ ଜୁଏଡ଼ଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ପୌର ପରିଷଦସ୍ତରୀୟ ବିଜୁ ଜନତା ଦଳ ସକ୍ରୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀ ଯୋଗଦେଇ କଣ୍ଟାବାଞ୍ଜି ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଲକ୍ଷ ଭୋଟ ବ୍ୟବଧାନରେ ବିଜୟୀ କରିବା ପାଇଁ ସେ ଦିଗରେ କାମ କରିବାକୁ ସମସ୍ତ କର୍ମୀ ଆହ୍ୱାନ କରିଥିଲେ। ଘର କୁ ଘର ଯାଇ ପ୍ରତ୍ୟେକ ଜନସାଧାରଣଙ୍କ କଥା ବୁଝି ଅନୁରୋଧ କରିଥିଲେ। ପରେ ଦଳୀୟ ସଂଗଠନକୁ ନେଇ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଏହି ବୈଠକରେ ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀ, ୧୧ ନମ୍ବର ୱାର୍ଡ କାଉନସିଲର ସୂର୍ଯ୍ୟ ପ୍ରତାପ ମିଶ୍ର, ୭ ନମ୍ବର ୱାର୍ଡ କାଉନସିଲର ପ୍ରତିନିଧି ରାମଚନ୍ଦ୍ର ରାଏ, ତୁରେକେଲା ବ୍ଲକ ବିଜେଡି ସଭାପତି ଆଶାଦୁଲ୍ଲା ଖାନ, ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ଶେଲ, ବିଶ୍ୱନାଥ ସାହୁ, ବିଜେଡି ନେତା ଦୈତାରୀ ଭୋଇ, ଅମିତ ଜାଙ୍ଗଡ଼ା, ବିଟୁ ସାଂଘା, ଦୀପକ ଘିବେଲା, ଗୁଡୁ ବେହେରା, ସୁମନ ସେଠ, ଗୋକୁଳ ବେହେରା, ସୁଦାମ ବେହେରା ଓ ଧ୍ରୁବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବହଳପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ସୁବଲୟା, ୨୪।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବହଳପଦର ସରକାରୀ ୟୁପି ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦେବକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି, ଅମରପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହଳପଦର କ୍ଲଷ୍ଟରର ସିଆରସିସି କମ୍ବୁଧର ପ୍ରଧାନ, ସ୍କୁଲ ପରିଚାଳନା କମିଟିର ସଭାପତି ବିଶ୍ୱାମିତ୍ର ସେଠୀ, ମୋ ସ୍କୁଲ ଅଭିଯାନ କମିଟିର ସଭାପତି ପ୍ରଫୁଲ୍ଲ ଦନ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ରଜତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଦେବକାନ୍ତ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିବା ସହ ସ୍କୁଲର ବିଭିନ୍ନ ସମସ୍ୟା ବିଷୟରେ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅମରପାଲି ୟୁପି ସ୍କୁଲର ଶିକ୍ଷକ ପ୍ରାଣବନ୍ଧୁ ସାହୁ ସଭାରେ ସଂଯୋଜନା କରିଥିବା ବେଳେ ପୂର୍ବତନ ସିଆରସିସି ପ୍ରଦୀପ ଜଗଦଲା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ସ୍ମାର୍ଟ କ୍ଲାସ୍ ରୁମ୍ ଉଦ୍‌ଘାଟିତ ହୋଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# କାଠ ଚୋରି ଅଭିଯୋଗରେ ୫ ଗିରଫ



**ବୌଦ୍ଧ, ୨୪।୪(ସମିସ):** ବୌଦ୍ଧ ବନଖଣ୍ଡ ସଦର ରେଞ୍ଜ ଖଜୁରୀପଡ଼ା ସେକ୍ସନ ଅଧୀନ ନାଗାର୍ଜୁନ ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ୫ଟି ଶାଳ ଗଣ୍ଡି ଜବତ କରିଛି। ଏହା ସହ ଗଛ କାଟି ଚାଲାଣ କରୁଥିବା ଅଭିଯୋଗରେ ୫ ଜଣ ଗିରଫ ହୋଇଛନ୍ତି। ଏମାନେ ହେଲେ ବାଉଁଶୁଣୀ ଥାନା ମୁଣ୍ଡପଡ଼ା ପଞ୍ଚାୟତ ବାରପୁଡୁଗ ଗ୍ରାମର ସୁମନ୍ତ ମହାକୁଡ଼, ଦୁଷ୍ମନ୍ତ ଭୋଇ, ପରକ୍ଷିତ ଡାଙ୍ଗ, ଆଗମାନନ୍ଦ ସାହୁ, ମକରଧଜ ଭୋଇ। ବନାଗ୍ନି ପ୍ରତିରୋଧ ପାଇଁ ଖଜୁରୀପଡ଼ା ସେକ୍ସନ ବନପାଳ ସୁଶୀଳା ହୋତାଙ୍କ ନେତୃତ୍ୱରେ ବନ କର୍ମଚାରୀ ପାଟ୍ରୋଲିଂ କରୁଥଲେ। ସମୟରେ ଶଗଡ଼ରେ ୫ଟି ଶାଳ ଗଣ୍ଡି ଚାଲାଣ ହେଉଥିବା ଦେଖିବାକୁ ପାଇଥିଲେ।

## ପିଏସ୍ ଡିଗ୍ରୀ କଲେଜରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

# ‘ସଚେତନତା ହିଁ ଶ୍ରେଷ୍ଠ ପ୍ରତିରୋଧକ ମାର୍ଗ’

**କୋକସରା, ୨୪।୪(ସମିସ):** କୋକସରା ବ୍ଲକ ସଦର ମହକୁମା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ଯୁବ ରେଡକ୍ରସ ତଥା ରେଡ ରିବନ କ୍ଲବ ଆନୁକୂଲ୍ୟରେ ଏଡସ୍ ସଚେତନତା ଓ ସ୍ୱେଚ୍ଛାକୃତ ରକ୍ତଦାନ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍ପରାଜ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ୍ ତଥା ରେଡ୍ ରିବନ କ୍ଲବ୍ ପରାମର୍ଶଦାତା, ଅଧ୍ୟାପକ ମୋହନ ଚରଣ ବିଶି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କ୍ୟାପଟେନ ଅଶ୍ୱିନୀ କୁମାର ପଟ୍ଟନାୟକ, ଅଧ୍ୟାପିକା ଶୁଭଶ୍ରୀ ସାହୁ, ବେଦମୟୀ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବକ ଯୁବତୀମାନେ ସଂଯମୀ, ଶୃଙ୍ଖଳିତ ଜୀବନ ଶୈଳୀ ଆପଣାଇବା ସହ ସଚେତନ ହେଲେ ଏଡ଼ସ୍ ନିରାକରଣ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହାସହ ସ୍ୱେଚ୍ଛାକୃତ ଭାବେ ସମସ୍ତେ ଆଗେଇ ଆସି ରକ୍ତଦାନ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଯୁବ ରେଡକ୍ରସ୍ ପରାମର୍ଶଦାତା ସୁବ୍ରତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଅଧ୍ୟାପିକା ଶୁଭଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପୁଷ୍ପିତା ବିଶି, ହୃଦାନନ୍ଦ ଧ.ମାଝୀ, ସୁନୀଳ ପ୍ରଧାନୀ, ତପନ ବିଶି, ବିଷ୍ଣୁ ବିଶି, ଲାଲୁ ପ୍ରଧାନୀ, ଉଜାଗର ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଉଠା ଦୋକାନୀଙ୍କ ସହ ଭାବବିନିମୟ କଲେ ବଲାଙ୍ଗିର ବିଧାୟକ ପ୍ରାର୍ଥୀ କଳିକେଶ

**ବଲାଙ୍ଗିର, ୨୪।୪(ସମିସ)**

ଉଠା ଦୋକାନୀଙ୍କ ସହ ଭାବ ବିନିମୟ କଲେ ବଲାଙ୍ଗିର ବିଧାୟକ ପ୍ରାର୍ଥୀ କଳିକେଶ ସିଂଦେଓ। ବଲାଙ୍ଗିର ମୀନା ଟେଷ୍ଟ ହାଉସ୍‌ରେ ଜିଲ୍ଲାର ଉଠାଦୋକାନୀ ମହାସଂଘର ସଭାପତି ଦଳିତ ନେତା ଶମ୍ଭୁ ନାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଠା ଦୋକାନୀମାନଙ୍କୁ ଉଦ୍‌ବୋଧନ ଦେଇ ବଲାଙ୍ଗିର ବିଧାୟକ ପ୍ରାର୍ଥୀ ଶ୍ରୀ ସିଂଦେଓ କହିଥିଲେ ଯେ ଉଠାଦୋକାନୀମାନେ ବର୍ଷା ଓ ଖରା ସମୟରେ ବହୁତ ହଇରାଣ ହେଉଛନ୍ତି। ରାସ୍ତାକଡ଼ରେ ବସିଥିବାରୁ ଏହି ଅସୁବିଧାକୁ ଦେଖି ଆପଣମାନଙ୍କ ପାଇଁ ଭେଣ୍ଡିଂ ଜୋନର ବ୍ୟବସ୍ଥା କରିବାକୁ ଯାଉଛୁ। ଉଠା ଦୋକାନୀ ମାନଙ୍କ ଦାବି ଥିଲା ଯେ ସ୍ଥାୟୀ ଭେଣ୍ଡିଂ ଜୋନ ବିଜେଡି ସରକାର ନିଶ୍ଚୟ କରିବ। ଆଗରୁ ମୁଖ୍ୟମନ୍ତ୍ରୀ ପ୍ରଥମ ପର୍ଯ୍ୟାୟରେ ୩୫ ଲକ୍ଷ ଟଙ୍କା ଭେଣ୍ଡିଂ ଜୋନ ପାଇଁ ଦେଇଥିଲେ। ଉଠା ଦୋକାନୀମାନଙ୍କ ଯାହା ସମସ୍ୟା ତାହା ପ୍ରତି ବିଶେଷ ଦୃଷ୍ଟି ଦିଆଯିବାକୁ ପ୍ରତିଶ୍ରୁତି ଦେବା ସହ ଶ୍ରୀ ସିଂହଦେଓ ସେମାନଙ୍କ ଠାରୁ ସମର୍ଥନ ଲୋଡ଼ିବା ସହ ବଲାଙ୍ଗିରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସମସ୍ତଙ୍କ ସହଯୋଗ ମଧ୍ୟ କାମନା କରିଛନ୍ତି।



ବଲାଙ୍ଗିରର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ରହିଥିବା ବେଳେ ଏହାର ପ୍ରମାଣ ସ୍ୱରୂପ ନିଜେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କଣ୍ଟାବାଞ୍ଜି ଆସନରେ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବଲାଙ୍ଗିର ଜିଲ୍ଲା ଦ୍ୱିତୀୟ ଥର ପାଇଁ ସ୍ଥାନୀୟ ଜନପ୍ରତିନିଧି ଭାବେ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ପାଇବାକୁ ଯାଉଛି। ପ୍ରଥମେ ସ୍ୱର୍ଗତ ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କୁ ପାଇଥିଲା ଏବଂ ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବଲାଙ୍ଗିର ମାଟି ପାଇବ। ଏହା ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଥିଲେ। ତେଣୁ ଦି ଟା ଭୋଟ ଶଙ୍ଖ ଚିହ୍ନରେ ଦେବାକୁ ଗୋଟିଏ ଭୋଟ ବିଧାୟକ ଓ ଆଉ ଗୋଟିଏ ସାଂସଦକୁ ଦେବାକୁ କହିଥିଲେ। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଲିକା ସାହୁ, କାଉନସିଲରମାନଙ୍କ ସହିତ ୫୦୦ରୁ ଉର୍ଦ୍ଧ୍ୱ ସହରର ଉଠା ଦୋକାନୀ ସାମିଲ ଥିଲେ।

## ଲୁଟ ହୋଇଥିବା ମାଙ୍ଗାନିଜ ଟ୍ରଲର ଉଦ୍ଧାର

# ୩ ଗିରଫ; ଲୁଟରେ ବ୍ୟବହୃତ ୨ ବାଇକ୍ ଜବତ



**ପାଟଣାଗଡ଼, ୨୪।୪(ସମିସ):** ପାଟଣାଗଡ଼ ପୁଲିସ ଏକ ମାଙ୍ଗାନିଜ ବୋଝେଇ ଟ୍ରଲର ସହ ଡ୍ରାଇଭରକୁ ଉଦ୍ଧାର କରି ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲ୍ଲା କଣ୍ଟାମାଳର ଆନନ୍ଦ ସାହୁ, ବଲାଙ୍ଗିର ଜିଲ୍ଲା ଠିକାଦାରପଡ଼ାର କାହ୍ନା ଜେନା ଓ ଖଲିଆପାଲିର ଚମରୁ ମୁଣ୍ଡା। ସେମାନେ ବ୍ୟବହାର କରିଥିବା ଦୁଇଟି ବାଇକକୁ ଜବତ କରିଥିବା ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ସଦାନନ୍ଦ ପୁଝାରୀ ସୂଚନା ଦେଇଛନ୍ତି। ସୂଚନାନୁସାରେ ଗତ ୨୧ ତାରିଖ ଦିନ ଚାମ୍ପାରୁ ବିଶାଖାପାଟଣାକୁ ଯାଉଥିବା ଏକ ମାଙ୍ଗାନିଜ ବୋଝେଇ ଟ୍ରଲର ପାଟଣାଗଡ଼ ରାମପୁର ସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଛିଡ଼ାହୋଇଥିଲା। ଭୋର ୫ଟା ୩୦ ସମୟରେ ଦୁଇଟି ବାଇକରେ ୫ ଜଣ ଦୁର୍ବୃତ୍ତ ଆସି ଡ୍ରାଇଭରକୁ ଖେଳଣା ବନ୍ଧୁକ ଦେଖାଇ ଟ୍ରଲରକୁ ବଲାଙ୍ଗିର ଯିବା ମୁଖ୍ୟରାସ୍ତାରେ ଅପହରଣ କରିନେଇଥିଲେ। ଜଙ୍ଗଲ ରାସ୍ତାରେ ଚାଳକକୁ ଓହ୍ଲାଇ ଦେଇଥିଲେ। ଚାଳକ ଜଣକ ଘଟଣା ସମ୍ପର୍କରେ ମାଲିକ ସଚିନ ଅଗ୍ରୱାଲକୁ ଜଣାଇବାପରେ ସଚୀନ ଘଟଣା ସମ୍ପର୍କରେ ପୁଲିସକୁ ଖବର ଦେଇଥିଲେ। ବଲାଙ୍ଗିର ଏସପିଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଚେକ୍‌ପୋଷ୍ଟରେ ନାକାବନ୍ଦୀ କରିବାସହ ଏଦିଗରେ ପାଟଣାଗଡ଼ ପୁଲିସ ଟେକ୍ନିକାଲ ଆଧାରରେ ତତ୍ପରତା ନେଇ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ।


## ବଲାଙ୍ଗିରରେ ବେଟିଂ କାରବାର

# ଚାଲିଛି ଆଇପିଏଲ୍, ଜମୁଛି କ୍ରିକେଟ୍ ବେଟିଂ ବଜାର

**ବଲାଙ୍ଗିର, ୨୪।୪(ସମିସ)**

ଗତ କିଛି ଦିନ ହେଲା ଚାଲୁଛି ବିଶ୍ୱର ସବୁଠାରୁ ଦାମୀ କ୍ରିକେଟ୍ ଲିଗ ଇଣ୍ଡିଆନ ପ୍ରିମିୟର ଲିଗ ବା ଆଇପିଏଲ। ଆଇପିଏଲର ଆରମ୍ଭ ହେବା ପରେ ବଲାଙ୍ଗିରରେ ପୁଣି ମାତିଛନ୍ତି ଆଇପିଏଲ ବେଟିଂ ଦଲାଲ। କୌଣସି ନିଛାଟିଆ ସ୍ଥାନ ନୁହଁ ପୁରା ଭିଡ଼ ବଜାର ଭିତରେ ଥିବା ଛୋଟବଡ଼ ଦୋକାନରେ ଚାଲିଛି ଏହି ଖେଳ। ସିଧାସଳଖ ଟଙ୍କା ଦିଆନିଆ ନାହିଁ ସବୁ ଖେଳ ଚାଲିଛି ମୋବାଇଲରେ। କିଛି ଏହିଭଳି ଅଭିଯୋଗ ସାମ୍ନାକୁ ଆସିଛି ବଲାଙ୍ଗିର ଜିଲ୍ଲାରୁ। ଗାଁ ଠୁ ସହର ସବୁଠି କ୍ରିକେଟ ବେଟିଂ ଖେଳ ସରଗରମ ରହିଥିବା ବେଳେ ଆଇପିଏଲର ପ୍ରତି ମ୍ୟାଚରେ ଲକ୍ଷ ଲକ୍ଷ ଟଙ୍କାର ସଟ୍ଟା କାରବାର ଚାଲିଥିବା ଅଭିଯୋଗ ହୋଇଛି। କିଏ ହାରିବ କିଏ ଜିତିବ ସେଥିରେ ଲାଗୁଛି ଟଙ୍କା। କିନ୍ତୁ ଏନେଇ ସୂଚନା ପାଇବା ପରେ ସୁଦ୍ଧା ନୀରବ ବଲାଙ୍ଗିର ପୁଲିସ।

ବିଶ୍ୱ କ୍ରିକେଟରେ ଏକ ପ୍ରସିଦ୍ଧ କ୍ରିକେଟ ଟୁର୍ଣ୍ଣାମେଣ୍ଟ ହେଉଛି ଆଇପିଏଲ। ବିଶ୍ୱର ସବୁଠାରୁ ଦାମୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସାଜିଥିବା ଆଇପିଏଲ ଖେଳର ପ୍ରଥମ ମ୍ୟାଚରୁ ହିଁ ବଲାଙ୍ଗିରରେ ଉଡିଲାଣି ଲକ୍ଷଲକ୍ଷ ଟଙ୍କା। କିଏ ମାରିବ ସର୍ବାଧିକ ରନ, କିଏ ନେବ ସର୍ବାଧିକ ୱିକେଟ ଏବଂ କିଏ ଜିତିବ ପୁଣି କିଏ ହାରିବ। କେଉଁ ବଲରେ କିଏ ଆଉଟ ହେବ ତ ପୁଣି କେଉଁ ବଲରେ କିଏ ଛକ୍କା ମାରିବ, ଏମିତି ଅନେକ କିଛି। ପ୍ରତି ବଲରେ ଚାଲିଛି କ୍ରିକେଟ ବେଟିଂ। ଆଇପିଏଲ ରୋମା ଭିତରେ ଜିଲ୍ଲାରେ ସଟ୍ଟାବଜାର ମଧ୍ୟ ସରଗରମ ରହିଛି। ଛୋଟ ପାନ ଦୋକାନ, ଚା ଦୋକାନରେ ଏହି ବେଟିଂ ଚାଲିଥିବା ଜଣାପଡ଼ିଛି। ମୋବାଇଲ ଫୋନରେ ବେଟିଂ ଚାଲିଥିବାରୁ ଏନେଇ କେହି ସୂଚନା ପାଇବା ବି ମୁସ୍କିଲ। ବିଭିନ୍ନ ଛକମାନଙ୍କରେ ଥିବା ଦୋକାନରେ ଏଜେଣ୍ଟମାନେ ବସି ବେଟିଂ ଲଗାଉଥିବାବେଳେ ଅନଲାଇନରେ ଟଙ୍କା ନେଉଛନ୍ତି। ସମସ୍ତ କାରବାର ଗୁପ୍ତରେ ଚାଲିଥିବା ବେଳେ ପୁଲିସ ଏହା ଉପରେ ନଜର ପକାଇବା ଏବଂ ତାହାକୁ ପ୍ରମାଣିତ କରିବା ପୁଲିସ ପାଇଁ କାଠିକର ପାଠ। ଯାହାଫଳରେ ପୁଲିସ ଜାଣି ବି ନିରବ ଥିବା ଆଲୋଚନା ହେଉଛି। ବଲାଙ୍ଗିରରୁ ମୁମ୍ବାଇ ପର୍ଯ୍ୟନ୍ତ ଏହି ଖେଳର ନେଟୱର୍କ ରହିଥିବା ବେଳେ ପର୍ଯ୍ୟାୟକ୍ରମେ ଏହାର ପରିଚାଳନା କରିବା ପାଇଁ ଏଜେଣ୍ଟ ଓ ସବ୍ ଏଜେଣ୍ଟ ରହିଛନ୍ତି। କମ ସମୟରେ ଟଙ୍କା ଆୟ କରିବା ଏହା ଏକ ସୁବିଧା ମାଧ୍ୟମ ଭାବି ଲୋକେ କ୍ଷତି ସହୁଥିବା ସତ୍ତ୍ୱେ ଜୋରସୋରରେ ଏହି ଖେଳ ଚାଲିଛି।



**ଆଇପିଏଲ ସଟ୍ଟାରେ ଉଡୁଛି ଟଙ୍କା; ଜାଣି ଅଜଣା ପୁଲିସ**

ବିଶେଷ କରି ଏହି ଖେଳରେ ଯୁବବର୍ଗ ମାତିଛନ୍ତି। ସଟ୍ଟା ସାଙ୍ଗକୁ ବିଭିନ୍ନ ଆପ ମାଧ୍ୟମରେ ଚାଲିଛି ଏହି ଖେଳ। ଅନ୍ୟପକ୍ଷରେ ବଲାଙ୍ଗିର ପୁଲିସ ନାକତଳେ ଏହି ଖେଳ ଚାଲିଥିବା ବେଳେ ଏହାକୁ ରୋକିବାରେ ବିଫଳ ହୋଇଛି। ଟାଉନ ଥାନା, ସଦର ଥାନା, ଏସପି ଅଫିସ, ଏସଡିପିଓ ଅଫିସ ନିକଟରେ ଥିବା ଅଞ୍ଚଳରେ ବି ଏହି ଖେଳ ଚାଲିଥିବା ଅଭିଯୋଗ ହୋଇଛି। କେବଳ ବଲାଙ୍ଗିର ସହର କାହିଁକି କଣ୍ଟାବାଞ୍ଜି, ପାଟଣାଗଡ଼, ଟିଟିଲାଗଡ଼, ଲୋଇସିଂହା ଭଳି ଅଞ୍ଚଳରେ ବି ବେଟିଂ ଖେଳ ଚାଲିଛି। ସୂଚନାଯୋଗ୍ୟ ଯେ ଗତ କିଛି ମାସ ତଳେ ସହରର ସୁଦପଡ଼ା ଠାରେ ଥିବା ହୋଟେଲରୁ ପୁଲିସ ପାଞ୍ଚ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ଏକ ଅନଲାଇନ ସଟ୍ଟା କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ସେମାନଙ୍କ ପାଖରୁ ପୁଲିସ ବହୁ ଟଙ୍କା ମଧ୍ୟ ଜବତ କରିଥିଲା। ସେଥିରେ ରାଜ୍ୟ ବାହାରର କିଛି ଯୁବକ ରହିଥିବା ଜଣାପଡ଼ିଥିଲା। ଏହିଭଳି କାରବାରକୁ ରୋକିବାକୁ ପ୍ରତିବର୍ଷ ଆଇପିଏଲ ଖେଳ ଆରମ୍ଭରୁ ଦାବି ହେଉଥିବା ବେଳେ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଆଗକୁ ଅନେକ ଖେଳ ବାକିରହିଥିବା ବେଳେ ପ୍ରତିଦିନ ଏହି ଖେଳ ଚାଲିଛି। ପୁଲିସ ଏଥିପ୍ରତି ଧ୍ୟାନ ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଏହି କାରବାର ଉପରେ ପୁଲିସର ନଜର ରହିଛି। ଯଦି ସେମିତି କିଛି ସୂଚନା ଆମ ପାଖକୁ ଆସେ ତେବେ ନିଶ୍ଚିତ ତା ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଟାଉନ ଥାନା ଅଧିକାରୀ ବିଶ୍ୱଜିତ ମନବୋଧ କହିଛନ୍ତି।

## ଠେଲକୋଛାପର ସଂରକ୍ଷିତ ଜଙ୍ଗଲରେ ଭାଲୁ ମୃତ୍ୟୁ ଘଟଣା

# ତଦନ୍ତ ବଦଳରେ ପ୍ରତ୍ୟକ୍ଷଦର୍ଶୀଙ୍କୁ ରେଞ୍ଜରଙ୍କ ଗିରଫ ଧମକ

**ପାଟଣାଗଡ଼, ୨୪।୪(ସମିସ):** ଗତ ୬ ମାସ ତଳେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ରେଞ୍ଜ ଲରମ୍ବା ସେକ୍ସନ ଠେଲକୋଛାପର ସଂରକ୍ଷିତ ଜଙ୍ଗଲର ଜାମଝରଣ ଅଞ୍ଚଳରେ ଫାସରେ ପଡ଼ିଥିବା ଏକ ଅଣ୍ଡିରା ଭାଲୁକୁ ପିଟିପିଟି ଶିକାରୀମାନେ ମାରିଦେଇଥିଲେ। ଉକ୍ତ ଘଟଣାଟି ଲୋକଲୋଚନକୁ ଆସିବା ପରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଲରମ୍ବା ଫରେଷ୍ଟରଙ୍କ ନେତୃତ୍ୱରେ ଏକ ଟିମ୍ ଦମକିପାଲି ଅଞ୍ଚଳରେ ଛାନଭିନ ଆରମ୍ଭ କରିଥିଲା। ଅପରପକ୍ଷରେ ଭାଲୁ ମୃତ୍ୟୁ ପରେ ଜଙ୍ଗଲ ଭିତରେ ଦେଖିଥିବା ସ୍ଥାନୀୟ କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ଶିକାରୀମାନେ ବାରହା ଶିକାର ପାଇଁ ତାରରେ ଫାସ ତିଆରି କରିଥିଲେ। ଉକ୍ତ ଫାସରେ ବାରହା ପରିବର୍ତ୍ତେ ଏକ ଅଣ୍ଡିରା ଭାଲୁ ସହ ଅନ୍ୟ ଫାସ ଗୁଡ଼ିକରେ ପାଞ୍ଚଟି ମାଙ୍କଡ଼ ଫସିଯିବାରୁ ସେମାନଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ବନବିଭାଗର କର୍ମଚାରୀମାନେ ଯଦି ଉକ୍ତ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରୁଥାନ୍ତେ ତେବେ ଏହି ଘଟଣା ଘଟିନଥାନ୍ତା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବନ ବିଭାଗ ନିଜ ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ଘଟଣାର ସତ୍ୟାସତ୍ୟ ଯାଞ୍ଚ ପରିବର୍ତ୍ତେ ଯେଉଁ କିଛି ପ୍ରତ୍ୟକ୍ଷଦର୍ଶୀଙ୍କ ଦ୍ୱାରା ଏହି ଘଟଣା ଲୋକଲୋଚନକୁ ଆସିଥିଲା ଓଲଟା ସେମାନଙ୍କୁ ଗିରଫ କରାଯିବ ବୋଲି ପାଟଣାଗଡ଼ ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ରେଞ୍ଜରଙ୍କ ଏଭଳି ମନୋଭାବ ଯୋଗୁଁ ଜଙ୍ଗଲରେ ଦୈନନ୍ଦିନ ଏଭଳି ଅନେକ ଘଟଣା ଘଟିଯାଉଥିଲେ ମଧ୍ୟ ଲୋକେ ଡରିଯାଇ ମୁହଁ ଖୋଲିବାକୁ ସାହସ ଜୁଟାଇପାରୁନାହାନ୍ତି। ଫଳରେ ଜଙ୍ଗଲରେ ଶିକାରୀମାନେ ଖୋଲାଖୋଲି ବନ୍ୟଜନ୍ତୁଙ୍କ ଶିକାର କରିଚାଲିଥିବାବେଳେ ନିୟମିତ ଭାବେ ଜଙ୍ଗଲରୁ ବାରହା ଶିକାର କରି ବେଆଇନ ଭାବେ ତାହାର ମାଂସ ବିକ୍ରି କରାଯାଉଛି। ଏହାବାଦ ବାହ୍ୟ ଜିଲ୍ଲା ତଥା ସ୍ଥାନୀୟ ଅଞ୍ଚଳର କାଠ ମାଫିଆମାନେ ମୂଲ୍ୟବାନ ଗଛଗୁଡ଼ିକୁ କାଟି ଜଙ୍ଗଲକୁ ଖୋଳ କରି ବାହ୍ୟ ଜିଲ୍ଲା ତଥା ରାଜ୍ୟକୁ ଚାଲାଣ କରିବାରେ ସକ୍ଷମ ହେଉଛନ୍ତି। ବନ ବିଭାଗର ସମ୍ପୃକ୍ତିକୁ ମଧ୍ୟ ଏଡ଼େଇ ଦିଆଯାଇ ନ ପାରେ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର

**ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକ**

**ମୁରିବାହାଲ, ୨୪।୪(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗଁରେଇ ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର କରାଯାଇଛି। ମୃତକ ହେଉଛନ୍ତି କୁନି ମଲ୍ଲିକ ଏବଂ ତାଙ୍କ ବାପଘର ପକ୍ଷରୁ ହତ୍ୟା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ମୁରିବାହାଲ ପୁଲିସ ସହ ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ ପହଞ୍ଚି ଅଧିକ ତଦନ୍ତ କରୁଛି। ହତ୍ୟା ଅଭିଯୋଗ ହେବା ପରେ ସ୍ୱାମୀ ସନ୍ନ୍ୟାସୀ ମଲ୍ଲିକଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରିଛି। ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ବେଳେ ଶବ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। କେଉଁ କାରଣରୁ ଏହି ଘଟଣା ଘଟିଲା ତାହା ସ୍ପଷ୍ଟ ହୋଇନାହିଁ।

# ଓଡ଼ିଶା ରାଜ୍ୟ ଉଷୁ କ୍ୟାମ୍ପ୍ ଉଦ୍‌ଘାଟିତ




**ବଲାଙ୍ଗିର, ୨୪।୪(ସମିସ):** ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମ ଠାରେ ଓଡ଼ିଶା ରାଜ୍ୟ ଉଷୁ କ୍ୟାମ୍ପ ଉଦ୍‌ଘାଟିତ ହୋଇଯାଇଛି। ୨୧ ତାରିଖରୁ ମେ୧ ପର୍ଯ୍ୟନ୍ତ ରାଜ୍ୟ ଉଷୁ ଟ୍ରେନିଂ କ୍ୟାମ୍ପ ହେବାକୁ ଥିବାବେଳେ ଉଦଘାଟନୀ ଦିବସରେ ମୁଖ୍ୟଅତିଥି ଭାବରେ ଆଜି ଓଡ଼ିଆ ଉଷୁ ସଂଘର ଚେୟାରମ୍ୟାନ ତଥା ଫାଉଣ୍ଡର ଇ. ସୁଧାଂଶୁ ଶେଖର ହରିଚନ୍ଦନ, ବଲାଙ୍ଗିର ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାସର ସ୍ୱାଧୀନ ବାଗ, ଅନ୍ତର୍ଜାତୀୟ ଜଜ୍ ପ୍ରଦ୍ୟୁମ୍ନ ବେହେରା ଓ ଜିଲ୍ଲା ଉଷୁ ସଂଘର ସଭାପତି ତପନ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ଉଷୁ ଖେଳ ବିଷୟରେ ଖେଳାଳିମାନଙ୍କୁ ଅବଗତ କରିଥିଲେ। ବିଭିନ୍ନ ଜିଲ୍ଲାରୁ ୪୫ ଜଣ ଖେଳାଳି ଏହି କ୍ୟାମ୍ପରେ ଅଂଶଗ୍ରହଣ କରିଛନ୍ତି ବୋଲି ଜିଲ୍ଲା ଉଷୁ ସଂଘର ସାଧାରଣ ସମ୍ପାଦକ ଯୁଧିଷ୍ଠିର ଗୁରହାଣ୍ଡି ସୂଚନା ଦେଇଛନ୍ତି।

# ବନଖଣ୍ଡ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା



**ବଲାଙ୍ଗିର, ୨୪।୪(ସମିସ):** ବଲାଙ୍ଗିର ଡିଏଫଓ ସୁଦର୍ଶନ ବେହେରାଙ୍କ ଅଧ୍ୟକ୍ଷତାରେ ବନଖଣ୍ଡ ସଭାଗୃହରେ ପଦୋନ୍ନତି ପରେ ବଦଳି ହୋଇଥିବା କର୍ମଚାରୀ ଓ ନୂତନ ଭାବେ ଯୋଗଦେଇଥିବା କନିଷ୍ଠ ସହାୟକଙ୍କ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟାଳୟରେ ବିଗତ କିଛି ବର୍ଷ ଧରି କାର୍ଯ୍ୟରତ ଥିବା ବରିଷ୍ଠ ସହାୟକ ଅନନ୍ତ ନାରାୟଣ ପାଣିଗ୍ରାହୀଙ୍କ ପଦୋନ୍ନତି ହୋଇଛି। ସେ ଶାଖା ଅଧିକାରୀ ପଦବୀକୁ ପଦୋନ୍ନତି ହୋଇଥିବା ବେଳେ ତାଙ୍କର ବଲାଙ୍ଗିର ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) କାର୍ଯ୍ୟାଳୟକୁ ବଦଳି ହୋଇଛି। ବନଖଣ୍ଡ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ତରଫରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ସତ୍ୟପ୍ରିୟ ମେହେର, ନରେଶ ଭୋଇ, ରଶ୍ମିତା ମିଶ୍ରଙ୍କୁ ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭାରେ ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ର ସାହୁ, ବଲାଙ୍ଗିର ରେଞ୍ଜ ଅଧିକାରୀ ନବୀନ ପଣ୍ଡା, କିଞ୍ଜେକ୍ କାଲସାଏ, ବିଜୟ ବିହାରୀ ଗୁରୁ, ପ୍ରଦୀପ କୁମାର ମିଶ୍ର, ଦେବାନନ୍ଦ ବରିହା, ନବୀନ ଲୁହାର, ଅର୍ଜୁନ କୁମାର ସାହୁ, ଅଂଶୁମାନ ମହାନ୍ତି, ହରେକୃଷ୍ଣ ବାଗ, ସୁଶିଲ କୁମ୍ଭାର, ଡଲି ସାହୁ, ସତ୍ୟନାରାୟଣ ଭୋଇ ଓ ଅଫିସର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଅନନ୍ତ ନାରାୟଣ ପାଣିଗ୍ରାହୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ବିଜେଡିର ମିଶ୍ରଣ ପର୍ବ ଓ ମାରାଥନ ପ୍ରଚାର

**ସଇଁତଲା, ୨୪।୪(ସମିସ):** ସଇଁତଲା ବ୍ଲକ ଅନ୍ତର୍ଗତ ୩୧ ନମ୍ବର ଜୋନରେ ବିଜେଡି ନେତ୍ରୀ ମୋନିକା ସିଂଭୋଇ ବଲାଙ୍ଗିର ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇଙ୍କ ପାଇଁ ମାରାଥନ ପ୍ରଚାର ଆରମ୍ଭ କରିଛନ୍ତି। ବ୍ଲକର ବେଲଗାଁ, ଶିଶକେଲା ଓ ଘୁନସର ପଞ୍ଚାୟତର ବିଭିନ୍ନ ଗାଁ ବୁଲି ବିଜେଡି ବିଧାୟିକା ପ୍ରାର୍ଥୀ ଟୁକୁନି ସାହୁ ଓ ସାଂସଦ ପ୍ରାର୍ଥୀ ସୁରେନ୍ଦ୍ରଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ପରେ ଘୁନସରଠାରେ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଧାୟିକା ପ୍ରାର୍ଥୀ ଟୁକୁନି ସାହୁ ଓ ବିଜେଡି ନେତ୍ରୀ ମୋନିକା ସିଂଙ୍କ ଉପସ୍ଥିତିରେ କଂଗ୍ରେସ ଓ ବିଜେପିର ବହୁ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ଏଥିରେ ପପୁ ମହାନ୍ତି, ରାଜେଶ ବେହେରା, ଶରତ ବେହେରା, ପ୍ରେମ ଜୈନ, ଘୁନସର ସରପଞ୍ଚ ଅନୁରାଧା ସେଠ, ଗୀତାଞ୍ଜଳି ବାରିକ, ସନ୍ତୋଷ ବେହେରା, ଡୋଲାମଣି ଥପା, ଉମାକାନ୍ତ ରଣା, ମଣ୍ଟୁ ମହାପାତ୍ର ଓ ଚମ୍ପୁ ସେଠ ପ୍ରମୁଖ ବିଜେଡି କର୍ମୀ ଉପସ୍ଥିତ ଥିଲେ।



# ସାହାଜବାହାଲ କଲେଜରେ ଆତ୍ମରକ୍ଷା ତାଲିମ ଶିବିର




**ବଲାଙ୍ଗିର, ୨୪।୪(ସମିସ):** ସ୍ଥାନୀୟ ଗୋପୀନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସାହାଜବାହାଲରେ ୮ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଏହି ସମାରୋହ ଅଧ୍ୟକ୍ଷ ପ୍ରେମାଧର ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ନୋଡାଲ ଅଫିସର ତଥା ଚେୟାରମ୍ୟାନ ସୁଦାମ ଚରଣ ଖମାରି ମୁଖ୍ୟଅତିଥି ଏବଂ ଜିଲ୍ଲା ସଂଯୋଜକ ଡ. ଧନଞ୍ଜୟ ସେଠ୍ ନିମନ୍ତ୍ରିତ ଅତିଥି ରୂପେ ଯୋଗ ଦେଇଥିଲେ। ଆତ୍ମରକ୍ଷା ତାଲିମର ଉଦ୍ଦେଶ୍ୟ ଏବଂ କାର୍ଯ୍ୟକାରିତା ସମ୍ପର୍କରେ ଶ୍ରୀ ଖମାରି ବିଶେଷ ବ୍ୟାଖ୍ୟା କରିଥିଲେ। ଟ୍ରେନିଂ ପରବର୍ତ୍ତୀ ଆତ୍ମବିଶ୍ୱାସ ସମ୍ପର୍କରେ ଛାତ୍ରୀମାନେ ନିଜର ଅନୁଭୂତି ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀମାନଙ୍କୁ ମୁଖ୍ୟଅତିଥି ଟ୍ରେନିଂ ସାର୍ଟିଫିକେଟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଶିଳା ଛତ୍ରିଆ ସଭା ପରିଚାଳନା କରିଥିଲେ। ଅନୁଷ୍ଠାନର ଅନ୍ୟାନ୍ୟ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## ମହିଳାଙ୍କ ବିଶାଳ ଚଇତି ଶୋଭାଯାତ୍ରା

# କଳିକେଶଙ୍କ ବିଜୟ ପାଇଁ ସମଲେଶ୍ୱରୀ ମନ୍ଦିରରେ ୨ ହଜାର ଦୀପଦାନ

**ବଲାଙ୍ଗିର, ୨୪।୪(ସମିସ)**

ବଲାଙ୍ଗିର ନିର୍ବାଚନମଣ୍ଡଳୀରେ ରାଜନୈତିକ ଦଳମାନେ ପ୍ରଚାର ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରୁଛନ୍ତି। ସେହିକ୍ରମରେ ଲୋକଙ୍କ ଆଧ୍ୟାତ୍ମିକ ଭାବନାକୁ ନେଇ ବୁଧବାର ବିଜୁ ଜନତା ଦଳର ସମର୍ଥିତ ମହିଳାମାନେ ଏକ ବିଶାଳ ଶୋଭାଯାତ୍ରା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବଲାଙ୍ଗିର ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ, ବିଜେଡିର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ରକୁମାର ସିଂଭୋଇ ଓ ସଂସଦୀୟକ୍ଷେତ୍ରର ସମସ୍ତ ବିଧାୟକଙ୍କ ବିଜୟ ପାଇଁ ସମଲେଶ୍ୱରୀ ମନ୍ଦିର ଓ ପାଟଣେଶ୍ୱରୀ ମନ୍ଦିରରେ ୨ ହଜାର ଦୀପଦାନ କରିଛନ୍ତି। ବୁଧବାର ଚୈତ୍ର ପୂର୍ଣ୍ଣମୀ ଥିବାରୁ ସମଲେଶ୍ୱରୀ ମନ୍ଦିର ଓ ପାଟଣେଶ୍ୱରୀ ମନ୍ଦିରରେ ଏକ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ହଜାରହଜାର ମହିଳାଙ୍କ ଦୀପଦାନରେ ସମଲେଶ୍ୱରୀ ମନ୍ଦିର ଓ ଆଖପାଖ ଅଞ୍ଚଳ ଆଲୋକମୟ ହୋଇଯାଇଥିଲା। ସ୍ଥାନୀୟ ରାଜେନ୍ଦ୍ରପାର୍କ ସମ୍ମୁଖରୁ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ବିଜୁ ମହିଳା ଜନତାଦଳର ଜିଲ୍ଲା ସଭାନେତ୍ରୀ ଦମୟନ୍ତି ବାଗ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୂର୍ବତନ ପୌରାଧ୍ୟକ୍ଷା ସନ୍ତୋଷିନୀ ବେହେରା, ଉପାଧ୍ୟକ୍ଷା ଲିପିଶ୍ରୀ ସାଏ, ବିଜେଡିର ବରିଷ୍ଠନେତ୍ରୀ ସାଗରିକା ଗୁରୁ ପ୍ରମୁଖଙ୍କ



ନେତୃତ୍ୱରେ୨ହଜାରରୁ ଅଧିକ ମହିଳା ହାତରେ ଦୀପଧରି ଶୋଭାଯାତ୍ରାରେ ବାହାରିଥିଲେ। ବାଜାଗଜା ବଜାଇ ଚାଲିଥିବା ଶୋଭାଯାତ୍ରାରେ ବିଜେଡିର ବରିଷ୍ଠ ନେତା ଅନଙ୍ଗଉଦୟ ସିଂଦେଓ, ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ, ଯୁବନେତା ମନ୍ମଥ ବିଜୟ ସିଂଦେଓ, ରାଜ୍ୟ ସମ୍ପାଦକ ପ୍ରଦ୍ୟୁତ ମିଶ୍ର, ପ୍ରଭାସ ପାଣିଗ୍ରାହୀ, ଦୁର୍ଗାପ୍ରସାଦ ବେହେରା, ଆଡଭୋକେଟ ଓଁକାର ନାୟକ, ନରସିଂହ ବାଘ, ଧ୍ରୁବ କୁଏଡ, ମହେନ୍ଦ୍ର ବାଘ, ଚନ୍ଦ୍ରମଣୀ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ଟାଉନଥାନା, କଚେରୀଛକ, ପୁରୁଣା ବସଷ୍ଟାଣ୍ଡ, ସହରର ମୁଖ୍ୟରାସ୍ତା, ପାଟଣାଛକ ଦେଇ ସମଲେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲା। ସମଲେଶ୍ୱରୀ ମନ୍ଦିରରେ ପୂଜକମାନେ ସନ୍ଧ୍ୟା ଆଳତୀ ପରେ ପୂଜାର୍ଚ୍ଚନା କରି ପୌରାଧ୍ୟକ୍ଷା ଆଣିଥିବା ଖଇଜୁଗାର ଭୋଗ ଲଗାଯାଇଥିଲା। ବିଜେଡିର ବିଧାୟକ ପ୍ରାର୍ଥୀ କଳିକେଶଙ୍କ ବିଜୟର ଶୁଭକାମନା ନେଇ ମହିଳାମାନେ ମାନସିକ କରିଥିଲେ। କୌଣସି ଶୁଭକାର୍ଯ୍ୟ କରିବା ପୂର୍ବରୁ ନିଜର ଇଷ୍ଟଦେବତାଙ୍କୁ ପୂଜା କରାଯାଇଥାଏ। ଆଜି ବଲାଙ୍ଗିରର ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଛି। ମା' ସମଲେଶ୍ୱରୀ ଓ ମା' ପାଟଣେଶ୍ୱରୀ ଚଳିତ ନିର୍ବାଚନରେ ବିଜୁ ଜନତା ଦଶଳ ଓ କଳିକେଶଙ୍କ ପାଇଁ ନିଶ୍ଚୟ ଶୁଭଫଳ ପ୍ରଦାନ କରିବେ ବୋଲି ବଲାଙ୍ଗିରର ମହିଳାମାନେ ଆଶା କରିଛନ୍ତି ବୋଲି ପୌରାଧ୍ୟକ୍ଷା ଲିକା ସାହୁ କହିଛନ୍ତି।

# କଣ୍ଟାବାଞ୍ଜିରେ ପଥ ମହୋତ୍ସବ




**କଣ୍ଟାବାଞ୍ଜି, ୨୪।୪(ସମିସ):** ସହରର ରୋଡ ନମ୍ବର ୩ ଠାରେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ମତଦାତା ସଚେତନତା କାର୍ଯ୍ୟକ୍ରମ ପଥ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଥମ କରି ଭୋଟ ଦେବାକୁ ଥିବା ଯୁବକଯୁବତୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ପିଲାମାନଙ୍କ ସହ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଅତିରିକ୍ତ ରିଟର୍ଣ୍ଣିଂ ଅଧିକାରୀ ଜୋସ୍ନାମୟୀ ମାଝୀ, ଅତିରିକ୍ତ ରିଟର୍ଣ୍ଣିଂ ଅଧିକାରୀ ଅଞ୍ଜଳି ମାଝୀ, ନିର୍ବାଚନମଣ୍ଡଳୀର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଥମ ମତଦାତାଙ୍କୁ ସମ୍ବୋଧିତ କରିବା ସହ ତାଙ୍କୁ ଉତ୍ସାହିତ କରିବା ପାଇଁ ନିଜନିଜ ଅଭିଭାଷଣରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା, ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ମଚାରୀ ବୃନ୍ଦ ତଥା କଣ୍ଟାବାଞ୍ଜି ବାସିନ୍ଦା ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଂଶିଦାର ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ମତଦାନ ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ପ୍ରତିଯୋଗିମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

**ନୂଆ ଭୋଟରଙ୍କୁ ସଚେତନତା**

# ୩ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ




**● ସୁରେନ୍ଦ୍ର ପଣ୍ଡା, ଶରତ ପଟ୍ଟନାୟକ ପୁଣି ଥରେ ଗୋଟିଏ ଲେଖାଏଁ ଅତିରିକ୍ତ ନାମାଙ୍କନପତ୍ର ଜମା କଲେ**




**ନୂଆପଡ଼ା, ୨୪।୪(ସମିସ)**

ନୂଆପଡ଼ା ଜିଲ୍ଲାରେ ବୁଧବାର ନାମାଙ୍କନ ପତ୍ର ଦାଖଲର ଷଷ୍ଠ ଦିବସରେ ନୂଆପଡ଼ା ଏବଂ ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩ଜଣ ବିଧାୟକ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଖଡିଆଳରେ ବିଜେଡି ତରଫରୁ ଅଧିରାଜ ମୋହନ ପାଣିଗ୍ରାହୀ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ରଙ୍ଗାଧର ମାଝୀ ନିଜ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନୂଆପଡ଼ା ବିଧାନସଭା ଆସନରେ ସ୍ୱାଧୀନ ପ୍ରାର୍ଥୀ ଭୁଜବଳ ଆଡବଙ୍ଗ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ବିଜେଡିର ଅଧିରାଜ ନିଜ ସମର୍ଥକଙ୍କ ସହ ଖଡିଆଳର ମାଁ ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା କରିବାପରେ ଖଡିଆଳ ସହର ପରିକ୍ରମା କରିଥିଲେ। ମଧ୍ୟାହ୍ନରେ ନୂଆପଡ଼ାରେ ପହଞ୍ଚିଥିଲେ। ସ୍ଥାନୀୟ ଏକତା ଛକଠାରୁ ଶୋଭାଯାତ୍ରାରେ ବାହାରିଥିଲେ। ଏଥିରେ ହଜାର ହଜାର ବିଜେଡି କର୍ମକର୍ତ୍ତା ସାମିଲ ହୋଇ କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଏବଂ ନୂଆପଡ଼ା ବିଧାୟକ ପ୍ରାର୍ଥୀ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ବିଜୟ ନାରା ଦେଇ ସହର ପରିକ୍ରମା କରିଥିଲେ। ଶେଷରେ ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରିଟର୍ଣ୍ଣିଂ ଅଫିସର ସୁଭାଷ ଚନ୍ଦ୍ର ରଏରାଙ୍କ ନିକଟରେ ନାମାଙ୍କନ ପତ୍ର ପ୍ରଦାନ କରିଥିଲେ। ତାଙ୍କ ସହ ବିଜେଡିର ଜିଲ୍ଲା ସଭାପତି ମନୋଜ ମିଶ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଖଡ଼ିଆଳ ବିଧାନସଭା ଆସନ ଲାଗି ରଙ୍ଗାଧର ମାଝୀ (ସ୍ୱାଧୀନ) ଏବଂ ନୂଆପଡ଼ା ବିଧାନସଭା ଆସନ ଲାଗି ଭୁଜବଳ ଆଡବଙ୍ଗ (ସ୍ୱାଧୀନ) ମଧ୍ୟ ନିଜର ସମର୍ଥକଙ୍କ ସହ ଆସି ନାମାଙ୍କନ ପତ୍ର ଜମା କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଗତ ସୋମବାର ନାମାଙ୍କନ ପତ୍ର ଦାଖଲ କରିଥିବା ନୂଆପଡ଼ା ବିଧାନସଭା ଆସନ ଲାଗି ସୁରେନ୍ଦ୍ର ପଣ୍ଡା ପୁଣିଥରେ ଗୋଟିଏ ଅତିରିକ୍ତ ନାମାଙ୍କନ ପତ୍ର ଜମା କରିଛନ୍ତି। ସେହିଭଳି କଂଗ୍ରେସର ଶରତ ପଟ୍ଟନାୟକ ମଧ୍ୟ ନୂଆପଡ଼ା ବିଧାନସଭା ଆସନ ଲାଗି ପୁଣିଥରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନାମାଙ୍କନ ପତ୍ର ଜମା କରିଛନ୍ତି।

# ଦାରୁଣ ନିଦାଘରେ ହସୁଛି କୃଷ୍ଣଚୂଡ଼ା



**କୋକସରା, ୨୪।୪(ସମିସ):** ପ୍ରଚଣ୍ଡ ରୌଦ୍ରତାପରେ ତ୍ରାହି ତ୍ରାହି ଡାକୁଛି ସଂସାର। କିନ୍ତୁ ଦାରୁଣ ନିଦାଘକୁ ଖାତିର ନ କରି ମନଖୋଲି ହସୁଛି କୃଷ୍ଣଚୂଡ଼ା। ତପ୍ତ ବୈଶାଖରେ ତା'ର ଜନ୍ମ, ଗ୍ରୀଷ୍ମ ପୂର୍ବାହ୍ନରେ ତାରୁଣ୍ୟ ଆଉ ମୁଣ୍ଡଫଟା ଖରାରେ ତା'ର ଯୌବନ। କୃଷ୍ଣଚୂଡ଼ା ପ୍ରେମ କରେ ନିଦାଘକୁ। ଆଉ ପ୍ରଚଣ୍ଡ ରୌଦ୍ରତାପକୁ ଗର୍ଭସ୍ଥ କରି ନିଜେ ଜଳିଜଳି ଅନ୍ୟ ପାଇଁ ହସେ। ଏହାରି ଭିତରେ ଏକ ବାର୍ତ୍ତା ରହିଛି ନାରୀ ଜାତି ଏହି କୃଷ୍ଣଚୂଡ଼ା ପରି ଅନେକ ଯନ୍ତ୍ରଣାକୁ ଛାତିରେ ଚାପି ରଖି ନିଜ ପରିବାର ପାଇଁ ସମାଜ ପାଇଁ ହସି ହସି ସବୁ କାମ କରି ଯାଇଥାନ୍ତି। ଜୀବନ ଜୀଇଁବାର କଳା ଶିଖାଇଥାଏ କୃଷ୍ଣଚୂଡ଼ା। ଦେବ ଯୋଗ୍ୟ ନ ହେଲେ ମଧ୍ୟ ଏହି ଅପୂର୍ବ ଫୁଲ ସହ ଯୋଡ଼ି ହୋଇଯାଇଛି ଯଦୁପତି ଯୋଗେଶ୍ୱର ଭଗବାନ ଶ୍ରୀକୃଷ୍ଣଙ୍କ ନାମ। କୃଷ୍ଣ ଯେପରି ସନାତନ ଧର୍ମଧାରାର ଲୋକଙ୍କ ପ୍ରିୟ ସେମିତି ଏହି ଫୁଲ ଓ ଗଛ ସମସ୍ତଙ୍କର ପ୍ରିୟ। ସମସ୍ତେ ତା'ର ହସରେ ବିମୋହିତ ହୋଇଯାଆନ୍ତି। କର୍ମକ୍ଲାନ୍ତ ଶରୀର କୃଷ୍ଣଚୂଡ଼ାକୁ ଦେଖି କ୍ଷଣିକ ପାଇଁ ଭୁଲିଯାଏ ଶାରୀରିକ ବେଦନା। ଓଡ଼ିଶାର ଗାଁ ଗଣ୍ଡାଠାରୁ ଆରମ୍ଭ କରି ସହର ବଜାର ସବୁଠି ଶୋଭା ପାଉଛି ଏବେ ଏହି ବାସହୀନ ଫୁଲ। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ପ୍ରାୟ ପ୍ରତ୍ୟେକ ଗାଁରେ ପସରା ମେଲିଛି କୃଷ୍ଣଚୂଡ଼ା। ରାସ୍ତାର ଦୁଇ ପାର୍ଶ୍ୱ ସହ ଗାଁର ଏଠିସେଠି ରହି ଜନତାଙ୍କ ମନରେ ବାଣ୍ଟି ଚାଲିଛି ଆନନ୍ଦର ଢେଉ। ଶୀଘ୍ର ବଢୁଥିବାରୁ ଓ ଏହାର ସୌନ୍ଦର୍ଯ୍ୟ ପାଇଁ ଏହି ଗଛକୁ ରାସ୍ତାକଡ଼ରେ ଲଗାଇବାକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ତେବେ ଏହି ପ୍ରଜାତିର ରାଧାଚୂଡ଼ା (ହଳଦିଆ ଫୁଲ) ଝଡ଼ ବାତ୍ୟାକୁ ସହ୍ୟ କରି ପାରୁଥିବା ବେଳେ କୃଷ୍ଣଚୂଡ଼ା ସହ୍ୟ କରିପାରେ ନାହିଁ। ତେଣୁ ବିଦ୍ୟୁତ ଖୁଣ୍ଟ ଓ ତାର ପାଖରେ ଏହି ଗଛକୁ ନ ଲଗାଇଲେ ଭଲ। ତେବେ ସେ ଯାହାହେଉ ଗ୍ରୀଷ୍ମରେ ଏହି ଫୁଲକୁ ଦେଖି ଆନମନା ହୋଇଥାଏ କବିର ମନ। ଲେଖି ପକାଉଛି କବିତା ଉପରେ କବିତା। ଭାବୁକ ଓ ପ୍ରେମିକ-ପ୍ରେମିକାଙ୍କ ମନରେ କୃଷ୍ଣଚୂଡ଼ାକୁ ନେଇ ସ୍ୱପ୍ନ ଓ କଳ୍ପନାର ଅନ୍ତ ନାହିଁ। ଗ୍ରୀଷ୍ମର ତାତି ସହିତ ସୂର୍ଯ୍ୟଙ୍କ ପ୍ରଖର କିରଣରେ ଝଟକୁଛି କୃଷ୍ଣଚୂଡ଼ା। ଏହାର ରଙ୍ଗରେ ରଙ୍ଗୀନ ହୋଇଛି ସାରା ଓଡ଼ିଶା। ଯାହା କବି ଓ ପ୍ରକୃତ ପ୍ରେମୀଙ୍କୁ କରିଛି ଆନମନା।

# ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ରଙ୍କ ମାରାଥନ ପ୍ରଚାର



**କୋକସରା, ୨୪।୪(ସମିସ):** ନାମାଙ୍କନପତ୍ର ଦାଖଲ ପରେ ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓଙ୍କ ମାରାଥନ୍ ପ୍ରଚାର ଆରମ୍ଭ ହୋଇଛି। ବୁଧବାର ସେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକର ବଡ଼ପୋଡ଼ାଗୁଡ଼ା ଓ ସାନ ପୋଡାଗୁଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରଚାର କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ଗୁଡ଼ିକ ନେଇ ଲୋକରେ ପହଞ୍ଚି ଯୋଡ଼ି ଶଙ୍ଖରେ ଭୋଟ ଦେବାପାଇଁ ଭୋଟ ଭିକ୍ଷା କରିଛନ୍ତି। ଏହି କ୍ରମରେ ସାନ ପୋଡାଗୁଡା ପଞ୍ଚାୟତର କୁଲେରଗୁଡା ମା'ମାଉଲୀ ମନ୍ଦିର ପରିସରରେ ଏକ ମିଶ୍ରଣ ପର୍ବ ସହ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପି ଓ ଅନ୍ୟ ଦଳରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଦଳ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ତେବେ ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ରଙ୍କୁ ବିପୁଳ ଜନ ସମର୍ଥନ ମିଳୁଥିବା ବେଳେ କଂଗ୍ରେସ ଓ ବିଜେପି ଦଳଠାରୁ ପ୍ରଚାରରେ ମଧ୍ୟ ଆଗୁଆ ରହିଛନ୍ତି। ଆଜିର ପ୍ରଚାର ସମୟରେ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ବ୍ଲକ ବିଜେଡି ସଭାପତି ସୁଶାନ୍ତ ବେହେରା, ରବି ଦାସ, ସୋନୁ ଅଗ୍ରୱାଲଙ୍କ ସମେତ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ।

# ବ୍ଲକ୍ ପ୍ରଶାସନ ପକ୍ଷରୁ ନିର୍ବାଚନ ସଚେତନତା କାର୍ଯ୍ୟକ୍ରମ




**କଲମପୁର, ୨୪।୪(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ନିର୍ବାଚନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲମପୁର ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗି ଓ ତହସିଲଦାର ସ୍ମରଣୀକା ତୁଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ପରିସରରୁ ସହସ୍ରାଧିକ କର୍ମଚାରୀଙ୍କ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା କଲମପୁର ଗ୍ରାମ ପରିକ୍ରମା କରିବା ସହିତ ଜନସାଧାରଣଙ୍କୁ ଚଳିତ ନିର୍ବାଚନରେ ଭୋଟ ଦେବାକୁ ସଚେତନ କରିଥିଲେ। ଏହି ଶୋଭାଯାତ୍ରାକୁ କଲମପୁର ପୁଲିସ ଓ ଅଗ୍ନିଶମ ବାହିନୀ ସୁରକ୍ଷା ଯୋଗାଇ ଥିବା ବେଳେ ଏଏସଆଇ ଡୋଲାମଣୀ ବିଶି ଓ ଶେଖର ଜେନା ଏହାର ନେତୃତ୍ୱ ନେଇଥିଲେ। ଏଥିରେ ବିଡ଼ିଓ ଶ୍ରୀ ମାଣ୍ଡାଙ୍ଗି ଓ ତହସିଲଦାର ଶ୍ରୀମତୀ ତୁଳଙ୍କ ସମେତ ବ୍ଲକ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ବୈକୁଣ୍ଠ ବାଗ, କନିଷ୍ଠ ଯନ୍ତ୍ରୀ ପିତାମ୍ବର ହେମ୍ବ୍ରମ, କୋଷାଧ୍ୟକ୍ଷ ହୃଷୀକେଶ କୁମାର, ବିପିଏମ ରେଗୁନିୟସ ଏକ୍କା, ବିନୋଦ ଛତ୍ରିଆ, ବୃଷବ ନାଏକ ପ୍ରମୁଖ ପରିଚାଳନା କରିଥିବା ବେଳେ ପ୍ରତ୍ୟେକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ମହିଳା ଗୋଷ୍ଠୀ କର୍ମକର୍ତ୍ତା, ପଞ୍ଚାୟତସ୍ତରୀୟ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ଶିକ୍ଷକ ଗୁରୁତର

**ଲାଞ୍ଜିଗଡ଼, ୨୪।୪(ସମିସ):** ଅଫିସ କାମରେ ଭବାନୀପାଟଣା ଯାଇ ଘରକୁ ଫେରୁଥିବା ବେଳେ ଅଜଣା ଗାଡି ଧକ୍କାରେ ଲାଞ୍ଜିଗଡ଼ ବ୍ଲକ ପାହାଡ଼ପଦର ପଞ୍ଚାୟତ ପଟାଙ୍ଗପଦର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜିତ ରାୟ ଗୁରୁତର ହୋଇଛନ୍ତି। ବୁଧବାର



ଦିନବେଳେ ଶ୍ରୀ ରାୟ ବାଇକରେ ପତ୍ନୀଙ୍କ ସହିତ ବିଶ୍ୱନାଥପୁରକୁ ଫେରୁଥିବା ବେଳେ ଭବାନୀପାଟଣା-ରାୟଗଡ଼ା ୬ ନମ୍ବର ରାଜ୍ୟ ରାଜପଥ ସିନାଙ୍ଗଭଟା-ଖଇରମାଲ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉକ୍ତ ଦମ୍ପତ୍ତି ବାଇକ ସହିତ ଛିଟିକି ପଡ଼ିଥିଲେ। ତାଙ୍କ ବାମ ଗୋଡ଼, ହାତ ଓ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଖବର ପାଇ ଲାଞ୍ଜିଗଡ଼ ବ୍ଲକ ପ୍ରାଥମିକ ସିଟି ଶିକ୍ଷକ ସଙ୍ଘ ସଭାପତି ଅନୀଲ ତ୍ରିପାଠୀ, ସଙ୍ଘ କର୍ମକର୍ତ୍ତା ଜନାର୍ଦ୍ଦନ ମିଶ୍ର, ମୀନକେତନ ତାଣ୍ଡି, ସ୍ମୃତିରଞ୍ଜନ ରଥ, ସୁବାସ ଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ରହି ଚିକିତ୍ସା ବ୍ୟବସ୍ଥା ତଦାରଖ କରିଛନ୍ତି।

# ତିନି ସାଂସଦ ଓ ୧୧ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ଭବାନୀପାଟଣା,୨୪।୪(ସମିସ):** କଳାହାଣ୍ଡି ଲୋକସଭା ଆସନ ପାଇଁ ବୁଧବାର କଂଗ୍ରେସ ପ୍ରାର୍ଥିନୀ ଦ୍ରୌପଦୀ ମାଝୀ, ସ୍ୱାଧୀନ ପ୍ରାର୍ଥୀ



ଉମାକାନ୍ତ ତାଣ୍ଡି ଓ ସମୃଦ୍ଧ ଓଡ଼ିଶା ପାର୍ଟିର ହିମାଂଶୁ ତ୍ରିପାଠୀ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ନର୍ଲା ଆସନ ପାଇଁ ପ୍ରାର୍ଥୀ ହୋଇଥିବା କଂଗ୍ରେସର ବରିଷ୍ଠ ନେତା ଭକ୍ତ ଚରଣ ଦାସ, ପୃଥୀରାଜ ଛତ୍ରିଆ (ଆମ ଆଦମୀ ପାର୍ଟି) ଏବଂ ପ୍ରଦୀପ୍ତ କୁମାର ନାୟକ (ସ୍ୱାଧୀନ) ପ୍ରମୁଖ ଜିଲ୍ଲା ପରିଷଦ ସିଡିଓଙ୍କ ନିକଟରେ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କଂଗ୍ରେସର ଭବାନୀପାଟଣା ସଦର ପ୍ରାର୍ଥୀ ସାଗର ଚରଣ ଦାସ, ରମେଶ ନାଏକ (ଆମ ଆଦମୀ ପାର୍ଟି), ମହେନ୍ଦ୍ର ଧାଙ୍ଗଡାମାଝି (ସ୍ୱାଧୀନ) ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଧର୍ମଗଡ଼ ଆସନ ପାଇଁ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ରଶ୍ମିରେଖା ରାଉତ ଓ ବିଜେପି ପ୍ରାର୍ଥୀ ସୁଧିର ରଞ୍ଜନ ପାଟଯୋଷୀ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଜୁନାଗଡ଼ ଆସନ ପାଇଁ ବିଜେପି ପ୍ରାର୍ଥୀ ମନୋଜ କୁମାର ମେହେର, ଓଡ଼ିଶା ଜନତା ପାର୍ଟିରୁ ପ୍ରାର୍ଥୀ ହୋଇଥିବା ରବି ହରିଜନ ଧର୍ମଗଡ଼ ଠାରେ ଏଡିଏମ୍ ଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିଭଳି ଲାଞ୍ଜିଗଡ଼ ଆସନ ଲାଗି କଂଗ୍ରେସ ପ୍ରାର୍ଥୀ ବଳଭଦ୍ର ମାଝୀ ଭବାନୀପାଟଣାଠାରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

# ତାଲୁକ ଆଇନସେବା ସମିତି ପକ୍ଷରୁ ଆଇନ ସଚେତନତା

**କୋକସରା, ୨୪।୪(ସମିସ):** କୋକସରା ତାଲୁକ ଆଇନ ସେବା ସମିତି ପକ୍ଷରୁ ମାଝୀଗୁଡା ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟଠାରେ ପୋକ୍ସୋ ଆକ୍ଟ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୋକସରା ଆଇନ ସେବା ସମିତିର ଅଧ୍ୟକ୍ଷ ଜର୍ଜ ରୀତିକା ଜେନାଙ୍କ




ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପୋକ୍ସୋ ଆଇନ ଉପରେ ଅବଗତ କରାଯାଇଥିଲା। ତାଲୁକ ଆଇନସେବା ସମିତିର ରିଟେନର ପଞ୍ଚାନନ ବେଶ୍ରା, କୋକସରା ବାର ଆସୋସିଏସନର ସଭାପତି ମନୋଜ କୁମାର ନାଏକ, ସମ୍ପାଦକ ଲଳିତ କୁମାର ଦାସ ଆଇନଜୀବୀ ଲକ୍ଷ୍ମୀକାନ୍ତ ଖମାରୀ, ରସିକରାଜ ଦୁର୍ଗା, ପ୍ରିୟରଞ୍ଜନ ବେହେରା, ମାନସ ରଞ୍ଜନ ସିଂ, ଜଗା ପଟ୍ଟନାୟକ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କିଶୋର ଦାସ, ଶିକ୍ଷକ ମୃତ୍ୟୁଞ୍ଜୟ ପଣ୍ଡା ସମେତ ସ୍କୁଲ କର୍ମଚାରୀ ଓ କୋର୍ଟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଚଇତି ଚଢ଼େଇର ରଜତ ଜୟନ୍ତୀ ସମାରୋହ

**ଭବାନୀପାଟଣା, ୨୪।୪(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣାରୁ ପ୍ରକାଶିତ ଚଇତି ଚଢ଼େଇ ଶିଶୁ ପତ୍ରିକାର ରଜତ ଜୟନ୍ତୀ ସମାରୋହ ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଶାନ୍ତନୁ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ, ଗବେଷକ ଉମାଶଙ୍କର କର, ମୁଖ୍ୟବକ୍ତା ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ସମ୍ମାନିତ ଅତିଥି ନାଟ୍ୟକାର ଉମେଶ ଚନ୍ଦ୍ର ଶତପଥୀ, ଅଧ୍ୟାପକ ତପନ କୁମାର ରଥ ଯୋଗ ଦେଇଥିବା ବେଳେ ଚଇତି ଚଢ଼େଇର ସମ୍ପାଦକ ଶ୍ରୀନିବାସ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ସାହିତ୍ୟିକ ବିରଞ୍ଚି ନାରାୟଣ ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ଚଇତି ଚଢ଼େଇର ରଜତ ଜୟନ୍ତୀ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଗାଳ୍ପିକା ଦେବହୂତୀ କରଙ୍କୁ ଚଇତି ଚଢ଼େଇ ଶିଶୁ ସାହିତ୍ୟ ସମ୍ମାନ, ଡାକ୍ତର ପଲଉ ପ୍ରଧାନଙ୍କୁ ଶିଶୁ ସେବା ସମ୍ମାନ, ଚିତ୍ରକର ତରୁଣ ମହାପାତ୍ରଙ୍କୁ କଳା ସମ୍ମାନ ପ୍ରଦାନ କରାଯାଇଛି। ହେମନ୍ତ ସାହୁ, ସୁଶାନ୍ତ ସିଂହ, ସ୍ୱର୍ଣ୍ଣକାନ୍ତି ବୈକାର ମାନପତ୍ର ପାଠ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ମହାବୀର ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।

# ପର୍ଶୁରାମ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

**ଭବାନୀପାଟଣା, ୨୪।୪(ସମିସ):** ଆସନ୍ତା ମଇ ୧୦ ତାରିଖ ଅକ୍ଷୟ ତୃତୀୟା ତିଥିରେ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ସ୍ଥାନୀୟ ଅଗ୍ରସେନ ଭବନ ଠାରେ ପର୍ଶୁରାମ ଜୟନ୍ତୀ ଅବସରରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଏକ ଘରୋଇ ହୋଟେଲଠାରେ କଳାହାଣ୍ଡି ବ୍ରାହ୍ମଣ ସମାଜ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ଜଗନ୍ନାଥ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପ ସଭାପତି ଗଜେନ୍ଦ୍ର ପାଢ଼ୀ, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ସଂଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା, ସମ୍ପାଦକ ଉମେଶ ପଣ୍ଡା, ଟ୍ରଷ୍ଟି ପ୍ରମୋଦ ଖମାରୀ, ପଣ୍ଡିତ ମଙ୍ଗଲୁ ମିଶ୍ର, ପର୍ଶୁରାମ ସେନା ଜିଲ୍ଲା ସଂଯୋଜକ ପ୍ରଶାନ୍ତ ଠାକୁର, ପ୍ରଜ୍ଞା ବାହିନୀର ଜିଲ୍ଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ, ଭବାନୀପାଟଣା ନଗର ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ, ସମ୍ପାଦକ ଶେଷଦେବ ମିଶ୍ର, ବରିଷ୍ଠ ସଭ୍ୟ ପ୍ରଭାସ ଚନ୍ଦ୍ର ମିଶ୍ର, ମଳୟ ମୁଣ୍ଡ, କୁନାଲ ବେହେରା, ନିହାର ରଞ୍ଜନ ମିଶ୍ର, ସୁରେନ୍ଦ୍ର ସାହୁ, ବାଞ୍ଛାନିଧି ମିଶ୍ର, ବିଶ୍ୱମୋହନ ରଥ, ନିରଞ୍ଜନ ଦାଶ, ଦୀପଜ୍ୟୋତି ମୁଣ୍ଡ, ରାକେଶ ଶର୍ମା, ଜନ୍ମେଜୟ ମହାପାତ୍ର, ସନ୍ତୋଷ ଦାଶଙ୍କ ସମେତ ଶତାଧିକ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସୁଚିନ୍ତିତ ମତାମତ ଦେଇଥିଲେ। ପ୍ରତିବର୍ଷ ପର୍ଶୁରାମ ଜୟନ୍ତୀ ଅବସରରେ ଆୟୋଜିତ ହେଉଥିବା ମଇ ୧୦ ତାରିଖରେ ଭଗବାନ ପର୍ଶୁରାମଙ୍କ ପୂଜାର୍ଚ୍ଚନା ଓ ହୋମ ଯଜ୍ଞ ପୂର୍ବବତ୍ ଆୟୋଜନ କରାଯିବା ସହ ସାମୂହିକ ବ୍ରତୋପନୟନ ଆୟୋଜନ କରାଯିବ ବୋଲି ଜିଲ୍ଲା ସଭାପତି ଜଗନ୍ନାଥ ମୁଣ୍ଡ ପ୍ରକାଶ କରିଛନ୍ତି। ସର୍ବାଧିକ ୨୫ ଜଣଙ୍କୁ ସାମୂହିକ ବ୍ରତୋପନୟନରେ ସାମିଲ କରାଯାଇ ସମ୍ପୂର୍ଣ୍ଣ ବୈଦିକ ରୀତିରେ ଶାସ୍ତ୍ରୀୟ ମତରେ ନିଃଶୁଳ୍କ ଉପନୟନ ସଂସ୍କାର ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଆୟୋଜନ କରାଯିବ ବୋଲି ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର ସୂଚନା ଦେଇଛନ୍ତି।

## ଧର୍ମଗଡ଼ ଓ ଜୁନାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

# ୪ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ





**ଧର୍ମଗଡ଼/କୋକସରା/ଜୁନାଗଡ଼, ୨୪।୪(ସମିସ)**

ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଅବସରରେ ବୁଧବାର ବିଜେପି ଓ କଂଗ୍ରେସର ପ୍ରାର୍ଥୀ ସମର୍ଥକଙ୍କ ଗହଣରେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଧର୍ମଗଡ଼ର ବିଜେପି ପ୍ରାର୍ଥୀ ସୁଧୀର ପାଟଯୋଷୀ ଅଧିଷ୍ଠାତ୍ରୀ ଦେବୀ ଭଣ୍ଡାରଘରଣୀ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବିଜେପି ସାଂସଦ ପ୍ରାର୍ଥୀନୀ ମାଳବିକା ଦେଓ ଓ ତାଙ୍କ ସ୍ୱାମୀ ଅର୍କ କେଶରୀ ଦେଓ ଓ ବିଜେପିର ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତାମାନେ ନାମାଙ୍କନ ପତ୍ର ଦାଖଲ ସମୟରେ ଉପସ୍ଥିତ ଥିଲେ। ସେହିପରି ଧର୍ମଗଡ଼ କଂଗ୍ରେସ ବିଧାୟିକା ପ୍ରାର୍ଥିନୀ ରଶ୍ମିରେଖା ରାଉତ ସ୍ଥାନୀୟ ନୂଆ ବସଷ୍ଟାଣ୍ଡ ନିକଟରୁ ନିଜର ସମର୍ଥକଙ୍କ ଗହଣରେ ଏକ ଶୋଭାଯାତ୍ରାରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତାଙ୍କ ସହିତ ବରିଷ୍ଠ କଂଗ୍ରେସ ନେତା ତୁଷାର ରଞ୍ଜନ ପାଟଯୋଶୀ, ଡମ୍ବରୁଧର ଲହଜଲ ଓ ଲକ୍ଷ୍ମଣ ଶବର ପ୍ରମୁଖ ଉପସ୍ଥିତ ଥିଲେ।

ଜୁନାଗଡ଼ ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ମନୋଜ ମେହେର ନିଜ ସମର୍ଥକମାନଙ୍କ ଗହଣରେ ଆସି ଧର୍ମଗଡ଼ଠାରେ ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ରଙ୍କଠାରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେ ପ୍ରଥମେ ହନୁମାନ ମନ୍ଦିରରୁ ଲଙ୍କେଶ୍ୱରୀ ପୀଠକୁ ଯାଇ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ଲୋକସଭା ପ୍ରାର୍ଥିନୀ ମାଳବିକା କେଶରୀ ଦେଓ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ନିରୂପମା ନାଏକ, ବରିଷ୍ଠ ନେତା ଅଜୟ କୁମାର ପାଣିଗ୍ରାହୀ,



ପୂର୍ବତନ ନଗରପାଳ ସୁଧାଂଶୁ ବରାଡ଼, ଜଗା ମହାନ୍ତି, କୁମ୍ବଲେ ପାଣିଗ୍ରାହୀ, ହିମାଂଶୁ ବରାଡ଼, ସରପଞ୍ଚ ଦିବ୍ୟ ଦୀପ, ବିଜୟ ଦଣ୍ଡସେନାଙ୍କ ସମେତ ବିଜେପିର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଜୁନାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଓଡ଼ିଶା ଜନତା ଦଳ ପ୍ରାର୍ଥୀ ରବି ହରିଜନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

# ଶ୍ରୀହରି ବିଦ୍ୟାଳୟର ବାର୍ଷିକ ଉତ୍ସବ




**ତରଭା, ୨୪।୪(ସମିସ):** ତରଭା ବ୍ଲକ ଶିବତୁଲା ନିକଟ ଶ୍ରୀହରି ବିଦ୍ୟାଳୟ ସମୂହର ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟପ୍ରକାଶ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ଯୋଗ ଗୁରୁ ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀ, ମୁଖ୍ୟବାକ୍ତା ରୂପେ ଅବସରପ୍ରାପ୍ତ ଶିକ୍ଷକ ହରିବନ୍ଧୁ ପାଣିଗ୍ରାହୀ, ସମ୍ମାନିତ ଅତିଥି ରୂପେ ବଲାଙ୍ଗୀରର ପିଆର୍ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ, ଶିବୁତୁଲା ସତ୍ୟନାରାୟଣ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁହାସି ଦଣ୍ଡସେନା, ଶ୍ରୀ ହରି ପରିଚାଳନା ନିର୍ଦ୍ଦେଶକ ଡ. ରାଜେଶ ମେହେର ଓ ବିଦ୍ୟାଳୟର ଅଧ୍ୟକ୍ଷା ଜିନାରାଣୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷା ସୁଶ୍ରୀ ମେହେର ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଇଂରାଜୀ ଅଲମ୍ପିଆଡରେ ଜାତୀୟ ର୍‍ୟାଙ୍କ ୧୫୫ ରଖିଥିବା ବିଦ୍ୟାଳୟର ଛାତ୍ରୀ ଅର୍ପିତା ଦରୁଆନଙ୍କ ସହ ବିଭିନ୍ନ ଅଲମ୍ପିଆଡରେ କୃତକାର୍ଯ୍ୟ ହୋଇଥିବା ୬୦ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ଶାଶ୍ୱତିକା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ନୃତ୍ୟ ଶିକ୍ଷକ ପ୍ରଦୀପ ପଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଘର ଘର ବୁଲି ଭୋଟ ମାଗିଲେ ନିରଞ୍ଜନ

**ଡୁଙ୍ଗୁରିପାଲି, ୨୪।୪(ସମିସ)**



ସୋନପୁର ବିଧାନସଭା ଆସନ ଲାଗି ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ ଘର ଘର ବୁଲି ଭୋଟ ମାଗିଛନ୍ତି। ଦଳୀୟ କର୍ମୀଙ୍କ ଗହଣରେ ବୁଧବାର ସେ ଡୁଙ୍ଗୁରିପାଲି କୁଦେଇପଡ଼ା ରାମ ମନ୍ଦିରରେ ପ୍ରଥମେ ପୂଜା ଅର୍ଚ୍ଚନା କରିଥିଲେ। ଏହାପରେ ଡୁଙ୍ଗୁରିପାଲିର ସମସ୍ତ ପଡ଼ାକୁ ଯାଇ ଘରକୁ ଘର ବୋଲି ଭୋଟ ଭିକ୍ଷା କରିଛନ୍ତି।

ମହିଳାମାନେ କଳସ ସ୍ଥାପନ ପୂର୍ବକ ପୁଷ୍ପମାଲ୍ୟ, ଉପଢୌକନ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଶିବାନନ୍ଦ ପଡ଼ା, କେନାଲ କଲୋନୀ ଦେଇ ସହର ମଧ୍ୟରେ ଦୋକାନୀଙ୍କୁ ଭେଟି ଭୋଟ ଦେବାକୁ ବିନମ୍ର ଅନୁରୋଧ କରିଥିଲେ। ଅପରାହ୍ନରେ ବ୍ଲକ କଲୋନୀ, ଶିବ ମନ୍ଦିର ପଡ଼ା, ବରିହା ପତା, ରାଜଲକ୍ଷ୍ମୀପଡ଼ା ଦେଇ ଡୁଙ୍ଗୁରିପାଲି ବସ୍ତିରେ ଘର ଘର ବୁଲି ନବୀନ ପଟ୍ଟନାୟକଙ୍କ ବିକାଶ ମୂଳକ କାର୍ଯ୍ୟରେ ସହଯୋଗ କରି ଷଷ୍ଠ ଥର ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ଓ ସୋନପୁର ନିର୍ବାଚନମଣ୍ଡଳୀ କ୍ଷେତ୍ରର ବିକାଶମୂଳକ କାର୍ଯ୍ୟସୂଚୀକୁ ନେଇ ଲୋକଙ୍କ ପାଖରେ ପହଞ୍ଚି ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ପାଇଁ ଡବଲ ଶଙ୍ଖରେ ଭୋଟ ଦେବାପାଇଁ ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ। ଏହି ପ୍ରଚାର ସମୟରେ ବ୍ଲକ ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ମକରଧ୍ୱଜ ସାହୁ, ଉମେଶ ପୂଝାରୀ, ସରପଞ୍ଚ ସଂଘର ସଭାପତି ମନୋଜ ପୁରୋହିତ, ଇଚ୍ଛାପୁର ସରପଞ୍ଚ ପ୍ରଶାନ୍ତ ସାହୁ, ବିପ୍ରଚରଣ ସାହୁ, ହରିବନ୍ଧୁ ପଧାନ, ଧର୍ମେନ୍ଦ୍ର ବିଶ୍ୱାଳ, ରଞ୍ଜନ ଠେଲା, ମୃତ୍ୟୁଞ୍ଜୟ ମିଶ୍ର, ସଞ୍ଜୀବ ନାଏକ, ଅଶୋକ ଶତପଥୀ ଦାଶରଥି ବିଶ୍ୱାଳ, ଗାନ୍ଧୀ ସାହୁ, କନ୍ଦର୍ପ ସାହୁ, ପ୍ରସନ୍ନ ନାଏକ, ଜଗନ୍ନାଥ ମିଶ୍ର, ସୁନିଲ ମେହେରଙ୍କ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ଭାଇରାଲ ହେଉଛି 'ଆସ ଭୋଟ୍ ଦେଇ ଯିମା'

**ସୋନପୁର, ୨୪।୪ (ସମିସ):** ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀ ନିଜ ଗୀତ ମାଧ୍ୟମରେ ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇ ମତଦାନ ଅଧିକାର ସାବ୍ୟସ୍ତ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ରସରକେଲି ତାଳରେ ଶାଶ୍ୱତ ଗାଇଥିବା 'ଆସ ଭୋଟ୍ ଦେଇ ଯିମା'




ଗୀତ ରିଲିଜ୍ ହୋଇ ଜନାଦୃତ ହୋଇଛି। ଶାଶ୍ୱତ ଏହି ଗୀତ ରଚନା ସହ ସଙ୍ଗୀତ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଏଥର ସାଧାରଣ ନିର୍ବାଚନରେ ଜନସାଧାରଙ୍କୁ ଭୋଟ୍‌ଦାନ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଶାଶ୍ୱତଙ୍କ ପ୍ରଚେଷ୍ଟା ପ୍ରଶଂସନୀୟ। ସମସ୍ତେ ମିଶି ମତଦାନ କରିବା ଏବଂ ଦେଶକୁ ସୁଦୃଢ଼ କରିବା ବୋଲି କୁହାଯାଇଛି। ନିର୍ବାଚନ ପର୍ବରେ ସମସ୍ତେ ସାମିଲ ହେବାକୁ ଦିଆଯାଇଥିବା ଏହି ସଚେତନତା ବାର୍ତ୍ତା 'ଆସ ଭୋଟ୍ ଦେଇ ଯିମା' ଭାଇରାଲ ହେଉଛି। ଭୋଟରଙ୍କ ମଧ୍ୟରେ ନିର୍ବାଚନକୁ ନେଇ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି।

## ନିର୍ବାଚନ ଖର୍ଚ୍ଚ ପରିଚାଳନା ସମ୍ପର୍କିତ ସର୍ବଦଳୀୟ ବୈଠକ



**ବୌଦ୍ଧ, ୨୪।୪(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନିର୍ବାଚନ ଖର୍ଚ୍ଚ ପରିଚାଳନା ସମ୍ପର୍କୀତ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଉପ ଜିଲ୍ଲାପାଳ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ନିର୍ବାଚନ ଉପ ବିଭାଗର ଡେପୁଟି କଲେକ୍ଟର ଶାଶ୍ୱତ ପ୍ରଧାନ, ବିଜେପି ଜିଲ୍ଲା ସଭାପତି ବିପ୍ର ଚରଣ ମହାନ୍ତି, ଜିଲ୍ଲା କଂଗ୍ରେସ ଉପ ସଭାପତି ସମରେଶ ମିଶ୍ର ଓ ଜିଲ୍ଲା ବିଜୁ ଜନତା ଦଳର ପ୍ରତିନିଧି ସୀତାଂଶୁ ଶେଖର ମହାକୁଡ ଯୋଗ ଦେଇଥିଲେ। ଏହି ବୈଠକରେ ନିର୍ବାଚନ ପ୍ରଚାର ବେଳେ ଦଳ ବା ପ୍ରାର୍ଥୀଙ୍କ ପକ୍ଷରୁ ଭଡାରେ କିମ୍ବା କ୍ରୟ ସୂତ୍ରରେ ବିନିଯୋଗ ହେବାକୁ ଥିବା ବିଭିନ୍ନ ସାମଗ୍ରୀ ଏବଂ ସେବାର ଦର ନିର୍ଦ୍ଧାରଣ କରାଯାଇଥିଲା। ପ୍ରାର୍ଥୀ ମାନେ ସେମାନଙ୍କର ନିର୍ବାଚନୀ ଖର୍ଚ୍ଚ ହିସାବ ପ୍ରଦାନ କରିବା ବେଳେ ନିର୍ଦ୍ଧାରିତ ଦର ଅନୁସାରେ ବ୍ୟୟ ହିସାବ ପ୍ରଦାନ କରିବେ।

## ମହୀଧରଙ୍କ ମାରାଥନ ନିର୍ବାଚନ ପ୍ରଚାର



**ଶଗଡ଼ା, ୨୩।୪(ସମିସ):** କନ୍ଧମାଳ ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ମହୀଧର ରଣା ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଦପଲା ପଞ୍ଚାୟତ ସିମିଳିକଟାରେ ସେ ଲୋକଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ରଣାଙ୍କ ସହିତ କନ୍ଧମାଳ ଯୁବ ସଭାପତି, ପଲଶାଗୋରା ଗୌନ୍ତିଆ ରବୀନ୍ଦ୍ର ପଧାନଙ୍କ ସହ ବିଜେଡିର ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ଗ୍ରୀଷ୍ମ ଅବକାଶକାଳୀନ ପ୍ରସ୍ତୁତି

**ଶଗଡ଼ା, ୨୪।୪(ସମିସ):** କନ୍ଧମାଳ ବ୍ଲକ ଆମ୍ବଗାଁ କ୍ଲଷ୍ଟର ଅଧୀନ କୁରୁକୁପା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗ୍ରୀଷ୍ମ ଅବକାଶ କାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲମ୍ବୋଦର ମିର୍ଦ୍ଧା ଅଧ୍ୟକ୍ଷତା କରିଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଗୃହ କାର୍ଯ୍ୟ ସକାଶେ ସମସ୍ତ ବିଷୟର ପ୍ରଶ୍ନପତ୍ର ବଣ୍ଟନ କାର୍ଯ୍ୟରେ ସହକାରୀ ଶିକ୍ଷକ ଶୁକ୍ରୁ ମାଝୀ ଓ ଶିକ୍ଷୟିତ୍ରୀ ମିନତୀ ଗରିଆ ସହଯୋଗ କରିଥିଲେ। ଶିକ୍ଷକ ମାନସ ମଲ୍ଲିକ ଓ ମନୋଜ ନାୟକ ଆସବାବପତ୍ର ରକ୍ଷଣାବେକ୍ଷଣ, ବୈଦ୍ୟୁତିକ ଜିନିଷର ସୁଇଚ୍ ଅଫ୍, ମଧ୍ୟାହ୍ନ ଭୋଜନ ଦ୍ରବ୍ୟର ସୁରକ୍ଷା, ଶ୍ରେଣୀଗୃହ ସଫେଇ ଦାୟିତ୍ୱ ତୁଲାଇଥିଲେ। ପ୍ରତିକାର ମୂଳକ ଶିକ୍ଷା ପ୍ରଦାନରେ ସହାୟକ ପାଇଁ ଶିକ୍ଷୟିତ୍ରୀ ରଞ୍ଜିତା ସାହୁ ଛାତ୍ରଛାତ୍ରୀଙ୍କ ଶ୍ରେଣୀ ଭିତ୍ତିକ ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ କରିଥିଲେ। ଛୁଟି ସମୟରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ରୋଷ୍ଟର ଡ୍ୟୁଟିରେ ବଗିଚାରେ ଜଳସେଚନ ଓ ଯତ୍ନ ତଥା ଶନିବାର ଛାତ୍ରଛାତ୍ରୀଙ୍କୁ ଶୁଖିଲା ଖାଦ୍ୟ (ଚାଉଳ) ବଣ୍ଟନ କରିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି।



## ବଡାଲି ବିଦ୍ୟାଳୟରେ କୁଇଜ୍ ପ୍ରତିଯୋଗିତା



**ଉଲୁଣ୍ଡା, ୨୪।୪(ସମିସ):** ଉଲୁଣ୍ଡା ବ୍ଲକ ବଡାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ସଦାନନ୍ଦ ବିଶ୍ୱାଳ ପ୍ରଥମ, କରିସ୍ମା ସେଠ୍ ଦ୍ୱିତୀୟ, ଓ ରାକ୍ଷୀ ସେଠ୍ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ବଡମାଲରେ ମଧ୍ୟ ପ୍ଲାଷ୍ଟିକମୁକ୍ତ ପରିବେଶ ସମ୍ପର୍କିତ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ରେସ୍ମା ଛତର ପ୍ରଥମ, ରୂପାଲି ସଲିମା ଦ୍ୱିତୀୟ ଓ ରାକ୍ଷୀ ବର୍ଗର୍ତ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗୀଙ୍କୁ ପ୍ରମୋଦ ପଧାନ ପୁରସ୍କାର ପ୍ରଦାନ କରିଥିଲେ। ବଡାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ ଭୋଇ, ସହକାରୀ ଶିକ୍ଷକ ଶୈଳସୂତା ବିଶ୍ୱାଳ, ବଡ଼ମାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ବିଶ୍ୱାଳ ସହଯୋଗ କରିଥିଲେ।

## ବଧୂ ନିର୍ଯାତନା ମାମଲାରେ ଶାଶୂକୁ ୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ

**ମନମୁଣ୍ଡା, ୨୪।୪(ସମିସ):** କନ୍ଧମାଳ ଜେଏମ୍ଏଫ୍‌ସି ସତ୍ୟନାରାୟଣ ଦାଶ ଏକ ବଧୂ ନିର୍ଯାତନା ମାମଲାରେ ରାୟ ଶୁଣାଇଛନ୍ତି। ସେ କନ୍ଧମାଳ ତଲିପଡ଼ାର ବ୍ରଜେଶ୍ୱରୀ ବେହେରାଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି।

୨୦୦୮ ରେ କନ୍ଧମାଳ ତଲିପଡ଼ାର ଅଞ୍ଜନ ବେହେରାଙ୍କ ସହ ଭବାନୀପାଟଣାର ପ୍ରୀତି ବେହେରା ବୈଦିକ ରୀତିନୀତିରେ ବିବାହ କରିଥିଲେ; କିନ୍ତୁ ସ୍ୱାମୀ ଓ ଶାଶୂଙ୍କ ଦ୍ୱାରା ବାରମ୍ବାର ନିର୍ଯାତନାର ଶିକାର ହୋଇ ନିଜର ଏକ ମାତ୍ର ଶିଶୁ ପୁତ୍ର ସହ ଘର ଛାଡ଼ି ଥିଲେ ଅଭିଯୋଗକାରିଣୀ ପ୍ରୀତି। ବିବାଦର ଆପୋଷ ସମାଧାନ ପାଇଁ ସମସ୍ତ ପ୍ରଚେଷ୍ଟା ବିଫଳ ହୋଇଥିଲା। ଶେଷରେ ୨୦୧୬ରେ କନ୍ଧମାଳ ଥାନାରେ ସେ ଏତଲା ଦେଇଥିଲେ। ଅଦାଲତରେ ଏହା ବିଚାରାଧୀନ ଥିଲା। ଦୀର୍ଘ ୮ ବର୍ଷର ଶୁଣାଣି ପରେ ଜେଏମଏଫ୍‌ସି କୋର୍ଟ ୧୪ ଜଣ ସାକ୍ଷ୍ୟଙ୍କ ବଳିଷ୍ଠ ବୟାନ ଓ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରାମାଣିକ ଦସ୍ତାବିଜ୍ ଆଧାରରେ ଅଭିଯୁକ୍ତ ଶାଶୁ ବ୍ରଜେଶ୍ୱରୀ ବେହେରାଙ୍କୁ ଆଇ ପି ସି ଧାରା ୪୯୮ (କ), ଓ ୩୨୩ରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଫା ୪୯୮ (କ)ରେ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୩୦ ଦିନ ସଶ୍ରମ କାରାଦଣ୍ଡ ଆଦେଶ ହୋଛି। ଦଫା ୩୨୩ରେ ୬ ମାସ ସଶ୍ରମ କାରଦଣ୍ଡାଦେଶ ଓ ୧୦୦୦ ଟାଙ୍କ ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୨୦ ଦିନ ସଶ୍ରମ କାରାଦଣ୍ଡାଦେଶ ହୋଇଛି।

ସୂଚନାଯୋଗ୍ୟ, ଅଭିଯୋଗ କାରିଣୀଙ୍କ ସ୍ୱାମୀ ଅଭିଯୁକ୍ତ ଅଞ୍ଜନଙ୍କ କିଛି ଦିନ ପୂର୍ବରୁ ଦେହାନ୍ତ ହୋଇଯାଇଛି। ଏଣୁ କେବଳ ଶାଶୁଙ୍କ ବିରୋଧରେ ଫଇସଲା ଶୁଣାଣି ହୋଇଥିଲା। ସରକାରଙ୍କ ତରଫରୁ କ୍ୟାଡ଼ର ଏପିପି ସାଇ ରଞ୍ଜନ ମହାନନ୍ଦିଆ ଏହି ମାମଲା ପରିଚାଳନା କରିଥିଲେ।

## କାର୍ଯ୍ୟକ୍ଷମ ହେଲା ପାନୀୟ ଜଳ ପ୍ରକଳ୍ପ

**ଶଗଡ଼ା, ୨୪।୪(ସମିସ):** ମନମୁଣ୍ଡା ଡାକ୍ତରଖାନା ପରିସରରେ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଶେଷରେ କାର୍ଯ୍ୟକ୍ଷମ ହୋଇଛି। ୬ମାସ ହେବ ଏହା ଅଚଳ ଥିଲା। ଏହାର ସମାଧାନ ନେଇ ଅନେକ ଥର ଅଭିଯୋଗ ହୋଇଥିଲେ ମଧ୍ୟ କେହି ଶୁଣୁ ନ ଥିଲେ। ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଡାକ୍ତରଖାନା ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା।



## ଥଣ୍ଡା ପାନୀୟ ଜଳ ଶୁଭାରମ୍ଭ

**ହରଭଙ୍ଗା/ଚାରିଛକ, ୨୪।୪(ସମିସ):** ପୁରୁଣାକଟକ ଷ୍ଟେଟ ବ୍ୟାଙ୍କ ନିକଟରେ ସ୍ଥାନୀୟ ମାରୱାଡି ସେବା ସମିତି ଆନୁକୂଲ୍ୟରେ ବୁଧବାର ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ସମିତିର ସଭାପତି ଅଶୋକ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରିଥିଲେ। ସମିତିର ଆବାହକ କୈଳାଶ ଅଗ୍ରୱାଲ, ଉପସଭାପତି ଅମିତ ଅଗ୍ରୱାଲ, ସମ୍ପାଦକ ମନୋଜ ଅଗ୍ରୱାଲ, ସହ ସମ୍ପାଦକ ସ୍ୱପ୍ନା ଅଗ୍ରୱାଲ, କୋଷାଧ୍ୟକ୍ଷ ଆନନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



## ୧୫ ମାସ ଖଟାଇ ତଡ଼ିଦେଲା ସ୍କୁଲ



**ମନମୁଣ୍ଡା, ୨୪।୪(ସମିସ):** ନିୟମିତ ଚାକିରି କରାଇଦେବାକୁ କହି ୧୫ ମାସ ସଫେଇ କାମରେ ନିୟୋଜିତ କଲେ। ଏବେ କିନ୍ତୁ ତଡି ଦେଇ ଆଉ ଜଣକୁ ନିଯୁକ୍ତି ଦେଲେ। ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଶୁଣ୍ଡିପଦର ରାଧାକୃଷ୍ଣ ଉଚ୍ଚ ବିଦ୍ୟାପୀଠ ବିରୋଧରେ ଏହି ଅଭିଯୋଗ ଆସିଛି।

୧୫ ମାସ ପୂର୍ବେ ପ୍ରଧାନ ଶିକ୍ଷକ ଉଦୟଭାନୁ ପଣ୍ଡାଙ୍କ ସହମତିକ୍ରମେ ସ୍କୁଲର କର୍ମଚାରୀ ଅଶୋକ ମିଶ୍ର ଗୋପାଳପୁର ଗ୍ରାମର ଗୌତମ ନାଏକଙ୍କୁ ସଫେଇ କାମରେ ନିୟୋଜିତ କରିଥିଲେ। ତେବେ ଯୋଗ୍ୟତା ଅନୁଯାୟୀ ସ୍କୁଲରେ ପଦବୀ ନିଯୁକ୍ତି ବାହାରିଲେ ସେଥିରେ ନିଯୁକ୍ତି ଦିଆଯିବ ବୋଲି ଗୌତମଙ୍କୁ ଅଶୋକ ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନ ଶିକ୍ଷକ ମଧ୍ୟ ଏଥିରେ ରାଜି ହୋଇଥିଲେ। ଗୌତମ ଯେଉଁଦିନ କୌଣସି କାରଣ ବଶତଃ ଅନୁପସ୍ଥିତ ରହୁଥିଲେ ତାଙ୍କ ପତ୍ନୀ ସେହି କାମ ତୁଲାଉଥିଲେ। ଏହା ଭିତରେ ସ୍କୁଲର ହାଉସ୍‌କିପର ପଦବୀ ବାହାରିଥିଲା; ହେଲେ ସେଥିରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆ ଯାଇ ଗୌତମଙ୍କୁ ବିଦା କରି ଦିଆଗଲା। ଏ ନେଇ ଗୌତମ ସ୍କୁଲ କର୍ତ୍ତୃପକ୍ଷଙ୍କୁ କହିବାରୁ ତାଙ୍କୁ ରଖାଯିବ ନାହିଁ ବୋଲି ଅଶୋକ କହିଥିଲେ। ତେବେ ଗୌତମ ୧୫ ମାସର ପ୍ରାପ୍ୟ ମାଗିବାରୁ ତାହା ବି ତାଙ୍କୁ ଦିଆଯାଇ ନାହିଁ।

## ଖସିଗଲା ଗଞ୍ଜେଇ ଚାଲାଣକାରୀ

**ବାଉଁଶୁଣୀ, ୨୪।୪(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ଝାରକଟା ଗ୍ରାମ ରାସ୍ତାରୁ ଏକ ବାଇକ୍ ସହ ୨୯ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ବାଉଁଶୁଣି ପୁଲିସ ଝାରକଟା ଗ୍ରାମ ରାସ୍ତାରେ ଜଗି ରହିଥିଲା। ଏହି ସମୟରେ ରାସ୍ତାରେ ଆସୁଥିବା ଏକ ବାଇକ୍‌କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବା ସମୟରେ ଚାଳକ କୌଶଳକ୍ରମେ ଫେରାର ହୋଇ ଯାଇଥଲା। ପୁଲିସ ବାଇକ ଓ ଏକ ବସ୍ତାରେ ଭର୍ତ୍ତି ହୋଇଥିବା ଗଞ୍ଜେଇ ଜବତ କରିଥିଲା ବୋଲି ବାଉଁଶୁଣି ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ ସୂଚନା ଦେଇଛନ୍ତି।

# ଘଣ୍ଟାପଡ଼ା, ବରପଦରରେ 'ସୀତା ଚୋରି'



**ଶଗଡ଼ା, ୨୪।୪ (ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକର ଘଣ୍ଟାପଡ଼ାର ବିଭିନ୍ନ ଅଞ୍ଚଳରେ ରାମନବମୀ ମହା ଆଡ଼ମ୍ବରରେ ପାଳିତ ହୋଛି। ଶ୍ରୀରାମ ନବମୀଠାରୁ ବହୁ ଅଞ୍ଚଳରେ ଶ୍ରୀରାମ ନବମୀ ପୂଜା ଉପଲକ୍ଷେ କେଉଁଠାରେ ନାଟକ ତ କେଉଁଠାରେ ପାରାୟଣ ପଠନ କାର୍ଯ୍ୟକ୍ରମ ଚାଲୁଛି। ସେହିପରି ଘଣ୍ଟାପଡ଼ା ସଦରରେ ୨ଟି ସାହିରେ ଧୁମଧାମରେ ରାମଲୀଳା ନାଟକ ମହାସମାରୋହରେ ଅନୁଷ୍ଠିତ ହେଉଛି। ଶ୍ରୀ ଜଗନ୍ନାଥ ନାଟ୍ୟସଂସଦ ତରଫରୁ ସପ୍ତମ ସନ୍ଧ୍ୟାରେ ନାଟକ ସୀତା ଚୋରି ମଞ୍ଚସ୍ଥ ହୋଇଛି। ରାମ ଭୂମିକାରେ ଫକିର ରଣା, ସୀତା ଭୂମିକାରେ ରସରାଜ ସେନାପତି, ଲକ୍ଷ୍ମଣ ଭୂମିକାରେ ଅମରସିଂ ରଣା, ରାବଣ ଭୂମିକାରେ ସୁବଳ ପାଣ୍ଡେ ପ୍ରମୁଖ ନିଖୁଣ ଅଭିନୟ କରିଥିଲେ। ସେହିପରି ଶ୍ରୀ ରଘୁନାଥ ନାଟ୍ୟ ସଂସଦ ତରଫରୁ ଆୟୋଜିତ ନାଟକରେ ରାମ ଭୂମିକାରେ ଦେବରାଜ ବିଶି, ସୀତା ଭୂମିକାରେ ଜିତେନ୍ଦ୍ର ପାଣିଗ୍ରାହୀ, ଲକ୍ଷ୍ମଣ ଭୂମିକାରେ ଅକ୍ଷୟ ମଲିକ, ସୂର୍ପଣଖା ଭୂମିକାରେ ଯୋଗୀରାମ ରଣା ପ୍ରମୁଖ ଅଭିନୟ କରିଥିଲେ। ଏହି ନାଟ୍ୟୋତ୍ସବ ୧୪ ଦିନ ଧରି ଚାଲିବ।



**ପଲଶାଗୋରା:** କନ୍ଧମାଳ ବ୍ଲକ ରୁଣ୍ଡିମହୁଲ ପଞ୍ଚାୟତ ବରପଦର ରାମଜୀ ନାଟ୍ୟ ସଂସଦ ଦ୍ୱାରା ଆୟୋଜିତ ଶ୍ରୀରାମ ଲୀଳା ଉତ୍ସବର ଷଷ୍ଠ ରଜନୀରେ ସୀତା ଚୋରି ନାଟକ ମଞ୍ଚସ୍ଥ ହୋଇଛି। ଜୟନ୍ଦ୍ର ନନ୍ଦଙ୍କ ନିର୍ଦ୍ଦେଶନାରେ ପରିବେଷିତ ନାଟକରେ ଶ୍ରୀରାମ ଭୂମିକାରେ ରମେଶ ଅମାତ, ସୀତା ଭାବେ କହ୍ନେଇ ସାହୁ, ଲକ୍ଷ୍ମଣ ଭାବେ ରଘୁନାଥ ମହାକୁଡ଼, ରାବଣ ଭାବେ ସୁଧାଂଶୁ ଶେଖର ମହାକୁଡ଼ ଅଭିନୟ କରିଥଲେ। ଦିବାକର ବଘାର, କୁନୁ ମାଝୀ, ପାଳେଶ୍ୱର ମେହେର ଓ ଅଜିତ ବାଘ ବାଦ୍ୟରେ ସହଯୋଗ କରିଥିଲେ।

## ରାବଣ ବଧ, ଶ୍ରୀରାମଙ୍କ ଅଭିଷେକ ସହ ସରିଲା ରାମଲୀଳା

**ହରଭଙ୍ଗା, ୨୪।୪(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଦେବଗଡ଼ ଗ୍ରାମର ୨୦୦ ବର୍ଷର ସର୍ବପୁରାତନ ଶ୍ରୀରାମ ଲୀଳା ତଥା ରାବଣ ବଧ ଶେଷ ହୋଇଛି। ଏ ନେଇ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ଶ୍ରୀରାମ ନବମୀର ରାମ ରାବଣ ଶୋଭାଯାତ୍ରା ସହିତ ରାବଣ ବଧ ଅନୁଷ୍ଠିତ ହୋଇଥିଲା। ପ୍ରଭୁ ଶ୍ରୀରାମଙ୍କ ଅଭିଷେକ କରାଯାଇଥିଲା। ଚଳିତ ବର୍ଷ ରାମ ଭୂମିକାରେ ଭୁବନ ବିଶ୍ୱାଳ, ଲକ୍ଷ୍ମଣ ଭୂମିକାରେ ଶୁସାନ୍ତ ବାରିକ, ରାବଣ ଭୂମିକାରେ ଭବାନୀଶଙ୍କର ବିଶ୍ୱାଳ, ଦୂତ ଭୂମିକାରେ ରବୀନ୍ଦ୍ର ଅମାତ, ହନୁମାନ ଭୂମିକାରେ ପଞ୍ଚାନନ ନାଗ ଓ ଉପେନ୍ଦ୍ର ବଡମାଳି ଅଭିନୟ କରିଥିଲେ।



